ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଗ୍ରାମାଞ୍ଚଳ ବିକାଶ

## ପାଠ୍ୟକ୍ରମ -୪
## ଗ୍ରାମାଞ୍ଚଳ ବିକାଶ ଅନୁଷ୍ଠାନ ସମୂହ ଏବଂ ଔଦ୍ୟଗୀକରଣ

## ବ୍ଲକ୍

## ୩ ଗ୍ରାମାଞ୍ଚଳର ବିକାଶ ପାଇଁ ଆନୁଷ୍ଠାନିକ ସଂଯୋଗୀକରଣ

### ପ୍ରଥମ ଏକକ

ଗ୍ରାମାଞ୍ଚଳର ବିକାଶ ପାଇଁ ଆନୁଷ୍ଠାନିକ ସଂଯୋଗୀକରଣ : ଗ୍ରାମାଞ୍ଚଳ ବିକାଶ ରଣନୀତିର ପୁନଃ ସଜ୍ଜୀକରଣର ଆବଶ୍ୟକତା : ସୂଚନା ଅଧିକାର ଆଇନ ଓ ଗ୍ରାମାଞ୍ଚଳ ବିକାଶ

### ଦ୍ୱିତୀୟ ଏକକ

ଗୋଷ୍ଠୀ ଆଧାରିତ ସଂସ୍ଥା : ଜଳଛାୟା କମିଟି, ଗ୍ରାମ୍ୟ ଜଙ୍ଗଲ କମିଟି, ଜଳ ବ୍ୟବହାରକାରୀ ଦଳ, ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକ ସହ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସମନ୍ୱୟ : ନିରନ୍ତର ଗ୍ରାମାଞ୍ଚଳ ବିକାଶରେ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକର ଭୂମିକା ।

## ବିଶେଷଜ୍ଞ କମିଟି


୧. ଶ୍ରୀ ଜଗଦାନନ୍ଦ — ଅଧ୍ୟକ୍ଷ
ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଏବଂ ସହ ଉଦ୍ୟୋଗୀ,
ସି.ଓ୍ୱାଇ ଏସ୍.ଡ଼ି., ଭୁବନେଶ୍ୱର, ଓଡ଼ିଶା

୨. ଡ଼କ୍ଟର ଶ୍ରୁତି ମହାପାତ୍ର — ସଭ୍ୟା
ମୁଖ୍ୟ ନିର୍ବାହୀ,
ସ୍ୱାଭିମାନ, ଭୁବନେଶ୍ୱର

୩. ଡ଼କ୍ଟର ଧର୍ମବ୍ରତ ମହାପାତ୍ର, — ସଭ୍ୟ
ବିଭାଗୀୟ ମୁଖ୍ୟ, ଗ୍ରାମ୍ୟ ବିକାଶ,
ସ୍ନାତକୋତ୍ତର ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

୪. ଡ଼କ୍ଟର ଏମ୍. ଜି. ବାଗେ — ସଭ୍ୟ
ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୫. ଶ୍ରୀମତୀ ଦୀପ୍ତି ରାୟ, — ସଭ୍ୟା
ସହ-ପ୍ରାଧ୍ୟାପିକା, ଗ୍ରାମ୍ୟ ପରିଚାଳନା ବିଭାଗ,
ନିଶ୍ୱାସ, ଭୁବନେଶ୍ୱର

୬. ଡ଼କ୍ଟର ରବିନ୍ଦ୍ର ଗାରାଡ଼େ — ସଭ୍ୟ
ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୭. ଡ଼କ୍ଟର ଏସ୍.ଟି. ରେହମାନ — ସଂଯୋଜକ
ଶିକ୍ଷଣ ପରାମର୍ଶଦାତା,
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର



**ଲେଖକ : ଡ଼କ୍ଟର ସସ୍ମିତା ପଟ୍ଟନାୟକ,** ଅଧ୍ୟାପିକା, ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ, ଅର୍ଥନୀତି ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ଓଡ଼ିଶା

**ସଂପାଦକ : ଡଃ.ଭବେଶ ଚନ୍ଦ୍ର ଦାସ,** ସହକାରୀ ପ୍ରାଧ୍ୟାପକ, ପଶୁ ବିଜ୍ଞାନ ମହାବିଦ୍ୟାଳୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ଓଡ଼ିଶା

**ଭାଷାନ୍ତର : ମହେନ୍ଦ୍ର ପ୍ରସାଦ ମିଶ୍ର,** ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ଡ଼ି.ଟି.ପି : ଧନଶ୍ରୀ ମିଶ୍ର,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ପ୍ରଚ୍ଛଦ ଓ ଅଳଙ୍କରଣ : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର



***ପ୍ରକାଶକ***

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*



© OSOU, 2019. "ଗ୍ରାମାଞ୍ଚଳ ବିକାଶ ଅନୁଷ୍ଠାନ ସମୂହ ଏବଂ ଔଦ୍ୟଗୀକରଣ " is made available under Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ :
# ଗ୍ରାମାଞ୍ଚଳର ବିକାଶ ପାଇଁ ଆନୁଷ୍ଠାନିକ ସଂଯୋଗୀକରଣ – ଗ୍ରାମାଞ୍ଚଳ ବିକାଶ ରଣନୀତି ର ପୁନଃ ସଜ୍ଜୀକରଣର ଆବଶ୍ୟକତା – ସୂଚନା ଅଧିକାର ଆଇନ ଓ ଗ୍ରାମାଞ୍ଚଳ ବିକାଶ

## ବିଷୟ ଗଠନ


୧.୦ ଶିକ୍ଷଣୀୟ ଉଦ୍ଦେଶ୍ୟ

୧.୧ ଉପକ୍ରମ

୧.୨ ଗ୍ରାମାଞ୍ଚଳର ବିକାଶ ପାଇଁ ଆନୁଷ୍ଠାନିକ ସଂଯୋଗୀକରଣ

    ୧.୨.୧ ଗ୍ରାମାଞ୍ଚଳ ବିକାଶରେ ସଂଶ୍ଳିଷ୍ଟ ପ୍ରମୁଖ ଅନୁଷ୍ଠାନ ସମୂହ

    ୧.୨.୨ ଗ୍ରାମାଞ୍ଚଳ ବିକାଶ ପାଇଁ ତୃଣମୂଳ ସ୍ତରୀୟ ସଂସ୍ଥା ଗୁଡ଼ିକର ସଂଯୋଗୀକରଣ

୧.୩ ଗ୍ରାମାଞ୍ଚଳ ବିକାଶର ରଣନୀତିରେ ପୁନଃ ସଜ୍ଜୀକରଣର ଆବଶ୍ୟକତା

    ୧.୩.୧ ଦାରିଦ୍ର୍ୟ ହ୍ରାସ କାର୍ଯ୍ୟକ୍ରମ

    ୧.୩.୨ ହିତାଧିକାରୀ

    ୧.୩.୩ ଗ୍ରାମ ପଞ୍ଚାୟତ

    ୧.୩.୪ ସାମାଜିକ ରୂପାନ୍ତର

    ୧.୩.୫ ଗ୍ରାମାଞ୍ଚଳ ଦାରିଦ୍ର୍ୟର ସାମର୍ଥ୍ୟ

    ୧.୩.୬ ପ୍ରକଳ୍ପ ପ୍ରସ୍ତାବ ଗୁଡ଼ିକର ବିକାଶ

    ୧.୩.୭ ମୂଲ୍ୟ ସାପେକ୍ଷ (ଲାଭପ୍ରଦ)

    ୧.୩.୮ ଧାର ଏବଂ ବିପଣନ

୧.୪ ସୂଚନା ଅଧିକାର

    ୧.୪.୧ ସୂଚନା ଅଧିକାର

    ୧.୪.୨ ସୂଚନା ଅଧିକାର ଆଇନ (RTI) ଏବଂ ଗ୍ରାମାଞ୍ଚଳ ବିକାଶ

୧.୫ ସାରାଂଶ

୧.୬ ଶବ୍ଦାବଳୀ

୧.୭ ସହାୟକ ଗ୍ରନ୍ଥସୂଚୀ

## ୧.୦ ଶିକ୍ଷଣର ଉଦ୍ଦେଶ୍ୟ

- ଏହି ଏକକ ଅଧ୍ୟୟନ କରିବା ପରେ ଗ୍ରାମାଞ୍ଚଳ ବିକାଶରେ ସହାୟକ ପ୍ରମୁଖ ଅନୁଷ୍ଠାନ ଗୁଡ଼ିକୁ ଚିହ୍ନଟ କରିବାରେ ସକ୍ଷମ ହେବେ।
- ଗ୍ରାମାଞ୍ଚଳ ବିକାଶରେ ସଂଶ୍ଳିଷ୍ଟ ତୃଣମୂଳ ସ୍ତରୀୟ ଅନୁଷ୍ଠାନ ଗୁଡ଼ିକର ତାଲିକା କରିପାରିବେ।
- ଗ୍ରାମାଞ୍ଚଳ ବିକାଶର ରଣନୀତିର ପୁନଃ ସଜୀକରଣର ଆବଶ୍ୟକତା ବିଶ୍ଳେଷଣ କରିପାରିବେ।
- ଗ୍ରାମାଞ୍ଚଳ ବିକାଶରେ ସୂଚନା ଅଧିକାର ଆଇନ ସହାୟତା ବର୍ଣ୍ଣନା କରିବାରେ ସମର୍ଥ ହେବେ।

## ୧.୧ ଉପକ୍ରମ

ଏହି ଏକକ "ଗ୍ରାମାଞ୍ଚଳ ବିକାଶ ଅନୁଷ୍ଠାନ ଗୁଡ଼ିକ ଏବଂ ଉଦ୍ୟୋଗ" ପାଠ୍ୟକ୍ରମର ଏକ ଅଧ୍ୟାୟ ମାତ୍ର। ଗ୍ରାମାଞ୍ଚଳ ବିକାଶରେ ସୂଚନା ଅଧିକାର ଆଇନର ଭୂମିକା ସହିତ ପରିଚିତ କରାଇବା ଏହି ଅଧ୍ୟାୟର ଲକ୍ଷ୍ୟ ଅଟେ। ବିକାଶ ବିଭାଗ ନାମରେ ସରକାରଙ୍କ ଦ୍ୱାରା ସୃଷ୍ଟ ବିଭିନ୍ନ ସଂସ୍ଥା ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ବିବିଧ ସଂପ୍ରଦାୟରେ ବିଭାଗିକୃତ ଗ୍ରାମାଞ୍ଚଳ ଗୋଷ୍ଠୀ ଗୁଡ଼ିକୁ ସେବା ପ୍ରଦାନ କରିବା ପାଇଁ ପର୍ଯ୍ୟାପ୍ତ ନୁହନ୍ତି। ତେଣୁ ନିରନ୍ତର ବିକାଶକାରୀ ସଂସ୍ଥା ବିକାଶ ପ୍ରକ୍ରିୟାର ସୁଗମ ନିମନ୍ତେ ବିଭିନ୍ନ ତୃଣମୂଳ ସଂସ୍ଥାକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଉପଲବ୍ଧି କରନ୍ତି।

## ୧.୨ ଗ୍ରାମାଞ୍ଚଳ ବିକାଶ ପାଇଁ ଆନୁଷ୍ଠାନିକ ସଂଯୋଗୀକରଣ

### ୧.୨.୧ ଗ୍ରାମାଞ୍ଚଳ ବିକାଶ ପାଇଁ ଅନୁଷ୍ଠାନ ମାନଙ୍କ ସଂପୃକ୍ତି

ଗ୍ରାମାଞ୍ଚଳ ଦାରିଦ୍ର୍ୟ ହ୍ରାସ ଲକ୍ଷ୍ୟ ନେଇ ବହୁ ଅନୁଷ୍ଠାନ ଭାରତରେ ଗ୍ରାମୀଣ ବିକାଶ ନିମନ୍ତେ ଅହରହ ସକ୍ରିୟ ଏବଂ କାର୍ଯ୍ୟରତ। ଏହି ଅନୁଷ୍ଠାନ ମାନଙ୍କ ଉପଯୋଗିତା, ଗୋଷ୍ଠୀ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ନିର୍ଭରଶୀଳ। ଗ୍ରାମୀଣ ଅର୍ଥନୀତିର ବିକାଶରେ ଜଡ଼ିତ ଥିବା ପ୍ରମୁଖ ଅନୁଷ୍ଠାନ ଗୁଡ଼ିକ ସମ୍ପର୍କରେ ସଂକ୍ଷେପରେ ଏଠାରେ ଆଲୋଚନା କରାଗଲା।

ପଞ୍ଚାୟତିରାଜ ବ୍ୟବସ୍ଥାର ତିନି ସ୍ତରୀୟ ଗଠନ (ସ୍ୱରୂପ) ରେ ଜିଲ୍ଲା ପରିଷଦ ଶୀର୍ଷରେ ଅବସ୍ଥିତ। ଜିଲ୍ଲା ଗ୍ରାମାଞ୍ଚଳ ବିକାଶ ସଂସ୍ଥା, ଜନଜାତି ସମବାୟ ବିତ୍ତ ନିଗମ ଏବଂ ଅନ୍ୟାନ୍ୟ ବିକାଶ ଅନୁଷ୍ଠାନ ଜିଲ୍ଲା ପରିଷଦ ଅଧ୍ୟକ୍ଷତାର ଅଧୀନରେ କାର୍ଯ୍ୟ କରନ୍ତି। ପଞ୍ଚାୟତିରାଜର ତିନି ସ୍ତରୀୟ ବ୍ୟବସ୍ଥାରେ ବ୍ଲକ ସ୍ତରରେ ପଞ୍ଚାୟତ ସମିତି ଦ୍ୱିତୀୟ ସ୍ଥାନରେ ଅବସ୍ଥିତ। ଗ୍ରାମାଞ୍ଚଳରେ ଥିବା ପ୍ରମୁଖ ଅନୁଷ୍ଠାନ ଗୁଡ଼ିକ ହେଲା - ଗ୍ରାମ ପଞ୍ଚାୟତ, ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଶୁଧନ ଚିକିତ୍ସାଳୟ, ବ୍ୟାଙ୍କ ଏବଂ ଋଣ ଓ କଞ୍ଚାମାଲ ଯୋଗାଣକାରୀ ସମବାୟ ସଂସ୍ଥା, କୃଷି ସଂପ୍ରସାରଣ ପାଇଁ ଗ୍ରାମ ସେବକଙ୍କ କାର୍ଯ୍ୟାଳୟ। ସମବାୟ ସଂସ୍ଥା ବ୍ୟତୀତ ଅନ୍ୟ ସଂସ୍ଥା ଗୁଡ଼ିକ ରାଜ୍ୟ ସରକାରଙ୍କ ଦ୍ୱାରା ସମର୍ଥିତ ଏବଂ ନିୟନ୍ତ୍ରିତ।

କମରସିଆଲ୍ ବ୍ୟାଙ୍କର ପୃଷ୍ଠପୋଷକତା ପ୍ରାପ୍ତ ବାଣିଜ୍ୟିକ ଏବଂ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଏବଂ ସମବାୟ ସମିତି ଗୁଡ଼ିକ ଗ୍ରାମାଞ୍ଚଳରେ ବଣ୍ଟନ ପାଇଁ ପ୍ରତିଷ୍ଠିତ। ବିଭିନ୍ନ ସ୍ତରର ଲୋକଙ୍କ ସଂସ୍ଥା (POs) ଯଥା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଏବଂ ସେମାନଙ୍କ ସଂଘ ସମୂହ,ବ୍ୟବହାରକାରୀ ଗୋଷ୍ଠୀ (ଉପଭୋକ୍ତା ଗୋଷ୍ଠୀ) ଗ୍ରାମ ସ୍ତରୀୟ ଯୋଜନା କମିଟି, ନିବେଶ (କଞ୍ଚାମାଲ୍) ଉତ୍ପାଦନ କେନ୍ଦ୍ର ଏବଂ ବିପଣନ ଏକକ ଗୁଡ଼ିକ ଗ୍ରାମାଞ୍ଚଳ କମିଟି ଗୁଡ଼ିକୁ ଜୀବିକା ପ୍ରଦାନ କରିବାରେ ଏକ ଜଟିଳ ଭୂମିକା ନିର୍ବାହ କରିଥାନ୍ତି। କୃଷି ବିପଣନ ବୋର୍ଡ଼, ଦୁଗ୍ଧ ସମବାୟ, ଏବଂ ସଂଘ ଗୁଡ଼ିକ ସଂପ୍ରତି ବିପଣନ ସେବା ପ୍ରଦାନ ଦାୟିତ୍ୱରେ ଅଛନ୍ତି।

## ୧.୨.୨ ଗ୍ରମାଞ୍ଚଳ ବିକାଶ ପାଇଁ ତୃଣମୂଳ ସ୍ତରୀୟ ସଂସ୍ଥାର ସଂଯୋଗ

ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଉଥିବା ପ୍ରାୟତଃ ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପାଦନ କରିବାରେ ଗ୍ରାମ ପଞ୍ଚାୟତ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ତୃଣମୂଳ ସ୍ତରର ଆଞ୍ଚଳିକ ସଂସ୍ଥାକୁ ଅଧିକ କ୍ଷମତା ପ୍ରଦାନ, ଅଣୁସ୍ତରୀୟ ଯୋଜନାକୁ ପ୍ରୋତ୍ସାହନ, ବିବିଧ ଆବଶ୍ୟକତା ଆଧାରିତ ବିକାଶ କାର୍ଯ୍ୟକ୍ରମ ଏବଂ ସୁନିଶ୍ଚିତ ସ୍ୱଚ୍ଛତା ସମ୍ପାଦନ କରିବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଗ୍ରାମ ପଞ୍ଚାୟତ ଗୁଡ଼ିକ ସେମାନଙ୍କ ଯୋଜନାର ବିକାଶ ପାଇଁ ଏହି ଯୋଜନା ଗୁଡ଼ିକୁ ଗ୍ରାମ ସଭା ମାଧ୍ୟମରେ ସମୂହ ଅଂଶ ଗ୍ରହଣ ପନ୍ଥା ଅବଲମ୍ବନ କରି ଆଲୋଚନା କରିବା ଆଶା କରାଯାଏ।

ବିଭିନ୍ନ ବିକାଶ କାର୍ଯ୍ୟକ୍ରମ ସମ୍ପାଦନ କରିବା ଗ୍ରାମ ପଞ୍ଚାୟତର ଦାୟିତ୍ୱ ହେଲେ ମଧ୍ୟ ଏହାର ସମ୍ପାଦନ କରିବା ପାଇଁ ସେମାନଙ୍କ ନିକଟରେ ଆବଶ୍ୟକୀୟ ସରଞ୍ଜାମ,କର୍ମଚାରୀ ଏବଂ ଦକ୍ଷତା ନଥାଏ। ତେଣୁ ସେହି ଦାୟିତ୍ୱକୁ ଲୋକସଂସ୍ଥା ଦ୍ୱାରା ଦକ୍ଷତାର ସହ ନିର୍ବାହ କରାଯାଇପାରେ। ଅତିରିକ୍ତ ନିଯୁକ୍ତି ସୃଷ୍ଟି ପାଇଁ ଆଞ୍ଚଳିକ ଲୋକଙ୍କୁ ସୁଯୋଗ ପ୍ରଦାନ ସମୟରେ ସମୂହ ଲୋକ କାରବାରର ଏହା ଏକ ଆଦର୍ଶ ପଦ୍ଧତି। ଗ୍ରାମ ସଭାର ସଦସ୍ୟ ବୃନ୍ଦ ଏବଂ ଶକ୍ତିଶାଳୀ ଆଞ୍ଚଳିକ ସଂସ୍ଥା ଏଇ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଗ୍ରାମ ପଞ୍ଚାୟତକୁ ପ୍ରଭାବିତ କରି ପାରନ୍ତି।

ବ୍ଲକ ସ୍ତରୀୟ କୃଷି ସଂପ୍ରସାରଣ ସେବା, ଗ୍ରାମ ବିକାଶ ଅଧିକାରୀ (VDOs) ଓ ସଂପ୍ରସାରଣ ଅଧିକାରୀଙ୍କ ଦ୍ୱାରା ଏବଂ ଜିଲ୍ଲା ପଞ୍ଚାୟତ ଦ୍ୱାରା ଗ୍ରାମ ସେବକଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥାଏ।

କୃଷକଙ୍କ ଋଣ ଆବଶ୍ୟକତା ପରିପୂରଣ ସୁନିଶ୍ଚିତ କରିବା ପାଇଁ ସମବାୟ ଋଣ ସମିତି ଗୁଡ଼ିକ ପ୍ରୋତ୍ସାହନ ଦେଇଥାନ୍ତି। ଯାହାହେଉ,ଅଧିକାଂଶ କୃଷକ ଋଣ ନେଇ ପରିଶୋଧ କରିବାରେ ବିଫଳ ହେତୁ ଅଧିକାଂଶ ସମବାୟ ସମିତି କାର୍ଯ୍ୟକ୍ଷମ ନୁହନ୍ତି। ଏହି ସଂସ୍ଥା ଗୁଡ଼ିକର ବିଫଳତା ହେତୁ, ନୂଆ ନୂଆ ସଂସ୍ଥା ଯଥା ସ୍ୱୟଂ ସହାୟକ ଗୋଷ୍ଠୀ (SHGs) ମାଇକ୍ରୋ ଫାଇନାନ୍ସ ସଂସ୍ଥା, ଦୃଷ୍ଟିଗୋଚର ହେଲେଣି। ତେଣୁ ସମନ୍ୱିତ ଋଣ ସେବାର ଏକ ରାଷ୍ଟ୍ରୀୟ ବ୍ୟବସ୍ଥା ପ୍ରଦାନ ନିମନ୍ତେ କୃଷକ ସେବା ସମିତି ଆରମ୍ଭ କରାଯାଇଛି।

ଅଧିକାଂଶ ଲୋକସଂସ୍ଥା ପ୍ରାରମ୍ଭିକ ସ୍ତରରେ ଅତି କ୍ରିୟାଶୀଳ ଥିବା ପରିଲକ୍ଷିତ ହୁଏ। କାରଣ ଏହାର ସଦସ୍ୟଗଣ ସେମାନଙ୍କ ସାମାଜିକ ଏବଂ ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ବିବିଧ ସେବା ଆବଶ୍ୟକ କରନ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ ସେମାନଙ୍କ ଆତ୍ମ ନିଯୁକ୍ତି ସୃଷ୍ଟି ସଫଳତା, ସେମାନଙ୍କ ଉତ୍ସାହ ଏବଂ ସଂପୃକ୍ତିକୁ ନିମ୍ନଗାମୀ

କରାଇଥାଏ ଏବଂ ତାହା ଲୋକ ସଂସ୍ଥା ଗୁଡ଼ିକର କାର୍ଯ୍ୟକ୍ଷମତାକୁ ପ୍ରଭାବିତ କରିଥାଏ । ଅତଏବ ଲୋକ ସଂସ୍ଥା ଗୁଡ଼ିକ ସେମାନଙ୍କର ଭୂମିକାର କିଛି ଦାୟିତ୍ୱ ସେବା ପ୍ରଦାନ ପାଇଁ ଘରୋଇ ଉଦ୍ୟୋଗୀଙ୍କୁ ଅର୍ପଣ କରି ପାରନ୍ତି । ଏହି ରଣନୀତି ଲୋକସଂସ୍ଥା ତରଫରୁ ପ୍ରଦାନ ସେବା ଗୁଡ଼ିକରେ ଗୁଣବତ୍ତା ସୁନିଶ୍ଚିତ କରିବ । ଯେତେବେଳେ ସଦସ୍ୟଗଣ ସେମାନଙ୍କ ପ୍ରାପ୍ତ ବଳକା ସମୟ ଆଧାରରେ କାର୍ଯ୍ୟକ୍ରମ ଗୁଡ଼ିକୁ ଫଳପ୍ରଦ ଭାବେ ଯାଞ୍ଚ କରିପାରିବେ ।

ବିପଣନ ସେବା ପ୍ରଦାନ ବେଳେ ଅଳ୍ପ କେତେକ ଜଳ ବ୍ୟବହାରକାରୀ ସଂସ୍ଥା, କୃଷକଙ୍କ ସଂସ୍ଥା, ଚିନି ସମବାୟ, ଦୁଗ୍ଧ ୟୁନିୟନ (ସଂଘ) ଫଳ ଉତ୍ପାଦନକାରୀ ସମବାୟ, କଫି ଓ ଚା ଉତ୍ପାଦନ ସଂଘ ଇତ୍ୟାଦି କେବଳ ସଫଳ ହୁଅନ୍ତି କାରଣ ବ୍ୟବସାୟ ପରିଚାଳନା ପାଇଁ ସେମାନେ ପେସାଦାର ଦୃଷ୍ଟିଭଙ୍ଗୀ ପ୍ରୟୋଗ କରିଥାନ୍ତି । ଜୀବିକା ସହ ସେମାନଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ସେମାନଙ୍କ ସଫଳତାର ମୂଳ କାରଣ ବା ହେତୁ । ଗ୍ରାମ ସ୍ତରୀୟ କୃଷକ ସଂସ୍ଥାର ବିକାଶ ଯାହାକୁ ବାଣିଜ୍ୟ କର ବା ବ୍ୟବସାୟ ମାର୍ଗ ଦ୍ୱାରା ପ୍ରତ୍ୟକ୍ଷ କାରବାର ଦ୍ୱାରା କରାଯାଇପାରେ ଏବଂ ଏହାକୁ ମଧ୍ୟ ପ୍ରୋତ୍ସାହନ ଯୋଗାଇଦେବା ଉଚିତ । ଏହି ସଂସ୍ଥା ନିଜର ସ୍ଥାୟୀ ଓ ସୁନିଶ୍ଚିତ ଦକ୍ଷତା ଓ ଗୁଣବତ୍ତା ପାଇଁ ଯାନ୍ତ୍ରିକ ବିକାଶ ଅନୁଷ୍ଠାନ ଓ ବିତ୍ତ ଅନୁଷ୍ଠାନ, ବଜାର ମାର୍ଗ ଭଳି ସମର୍ଥିତ ସଂସ୍ଥାମାନଙ୍କର ଦୃଢ଼ ଓ ସଂପୃକ୍ତି ଆବଶ୍ୟକ କରନ୍ତି ।

ଏଭଳି ସଂପୃକ୍ତି ପ୍ରତିଷ୍ଠା କରିବା ପାଇଁ ଗ୍ରାମ ସ୍ତରୀୟ ଉତ୍ପାଦନକାରୀ ସଂସ୍ଥା ଗୁଡ଼ିକୁ ସବଳ କରିବାକୁ ହେବ । ସେଭଳି ବଜାରମୁଖୀ ଗ୍ରାମ ସ୍ତରୀୟ ସଂସ୍ଥାକୁ ଦୃଢ଼ ଓ ସବଳ କରିବା ପାଇଁ ଶିଳ୍ପ ଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି ।

ସ୍ୱୟଂ ସହାୟକ ଗୋଷ୍ଠୀ, ଏକକ ବ୍ୟକ୍ତି, ପରିବାର ଏବଂ ଦଳ ଦ୍ୱାରା ଅଣୁ ଉଦ୍ୟୋଗ ଗୁଡ଼ିକର ପ୍ରୋତ୍ସାହନ ପାଇଁ ଯୋଜନା କରି ପାରନ୍ତି । ସେମାନେ ଆଉରି ମଧ୍ୟ କୃଷିଜାତ କଞ୍ଚାମାଲ କ୍ରୟ,ଋଣ,ଯାନ୍ତ୍ରିକ ସେବା, ଉତ୍ପାଦ ବିପଣନର ସଙ୍ଗଠନ କରି ପାରନ୍ତି । ଯାନ୍ତ୍ରିକ ସ୍ଥାନାନ୍ତର,ପ୍ରକ୍ରିୟା କରଣ, ବିପଣନ ଏବଂ ଅନ୍ୟାନ୍ୟ ସେବା ସଙ୍ଗଠନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ମିଳିତ ଭାବେ ଏକ ଗ୍ରାମସ୍ତରୀୟ ବା ବ୍ଲକ ସ୍ତରୀୟ କୃଷକ ସଂଘ ଅଥବା ସମବାୟ ସଂଘ ଗଠନ କରି ପାରନ୍ତି ।

ବ୍ଲକ ସ୍ତରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂସ୍ଥା ଗୁଡ଼ିକ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷକଙ୍କ ସଂସ୍ଥାର ସାମର୍ଥ୍ୟ ଗଠନ ସହ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମ ପଞ୍ଚାୟତ ମଧ୍ୟରେ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରନ୍ତି । ସେବା ପ୍ରଦାନକାରୀ ସଂସ୍ଥା ଗୁଡ଼ିକ ଗରିବ କୃଷକ ମାନଙ୍କୁ ସେମାନଙ୍କ ସାମର୍ଥ୍ୟ ଗଠନ ଏବଂ ବିଭିନ୍ନ ବିକାଶ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଉତ୍ତମ ପ୍ରରୋଚନା ଦେଇଥାନ୍ତି । ସେମାନେ ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଉତ୍ପାଦର ପ୍ରକ୍ରିୟାକରଣ ଏବଂ ବିପଣନ ବିଭିନ୍ନ ଶିଳ୍ପ ଏବଂ ଉପଭୋକ୍ତା ସଂସ୍ଥା ମାଧ୍ୟମରେ ସଙ୍ଗଠନ କରିବା ପାଇଁ ସାହାଯ୍ୟ କରିପାରନ୍ତି ।

ଯେହେତୁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷକ ସଂସ୍ଥାର ସଦସ୍ୟ ଗ୍ରାମସଭା ଗଠନ କରିଥାନ୍ତି ତେଣୁ ଏହି ଅଭିଜ୍ଞ ସଭ୍ୟଗଣ ଗ୍ରାମସଭା ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି । ବିଭିନ୍ନ ଗ୍ରାମସ୍ତରୀୟ ସଂସ୍ଥା ଯଥା ସମବାୟ ସମିତି, ବ୍ୟାଙ୍କ, ମହିଳା ମଣ୍ଡଳ, ଯୁବକ ସଂଘ, କୃଷକ ସଂଘ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର

କର୍ମଚାରୀ ଗ୍ରାମ ପଞ୍ଚାୟତ ସଭାରେ ଅଂଶ ଗ୍ରହଣ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମକୁ ଲୋକସଂସ୍ଥା ଦ୍ୱାରା ସମ୍ପାଦନ କରିବା ପାଇଁ ପ୍ରରୋଚନା ଦେବା ଉଚିତ। ସେଥି ମଧ୍ୟରୁ କେତେକ ଅନୁଷ୍ଠାନ ଗ୍ରାମ ସଭା ଏବଂ ଗ୍ରାମ ପଞ୍ଚାୟତ ମଧ୍ୟରେ ସଂଯୋଗ ସ୍ଥାପନର ଯୋଗସୂତ୍ର ସେତୁ ରୂପେ ମଧ୍ୟ ଭୂମିକା ଗ୍ରହଣ କରିପାରନ୍ତି। ତେଣୁ ପ୍ରାକ୍ ନିର୍ଦ୍ଧାରିତ ଯୋଜନା ଗ୍ରହଣ ନିମନ୍ତେ ଚାପ ପରିବର୍ତ୍ତେ,ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ, ଦାରିଦ୍ର୍ୟର ସମସ୍ୟାକୁ ଚିହ୍ନଟ କରି ସେଗୁଡ଼ିକର ଅନୁଧ୍ୟାନ ଏବଂ ନିରାକରଣ କରିବା ଉଚିତ। କାର୍ଯ୍ୟକ୍ରମ ଗୁଡ଼ିକ ପ୍ରାକୃତିକ ସମ୍ବଳର ପରିଚାଳନାକୁ ସୁଗମ କରିବା,ପରିବେଶ ସୁରକ୍ଷା ଏବଂ ଉତ୍ତମ ଗୁଣବତ୍ତା ଜୀବନ ନିର୍ବାହ ପାଇଁ ପଥ ପ୍ରଦର୍ଶନ କରିବା ଉଚିତ। ଯୋଗଦାନ କରୁଥିବା ପରିବାର ଗୁଡ଼ିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିବା ଉଚିତ। ସମାଜର ଦୁର୍ବଳ ସଂପ୍ରଦାୟ ଏବଂ ନାରୀ ଉଭୟଙ୍କୁ ସମାନ ସୁଯୋଗ ମିଳିବା ଉଚିତ। ଗ୍ରାମସ୍ତରୀୟ ବିଭିନ୍ନ ଅନୁଷ୍ଠାନ ସହ ଉତ୍ତମ ଯୋଗସୂତ୍ର ରକ୍ଷାକରି ଗୋଷ୍ଠୀ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସେବାକୁ ଯାଞ୍ଚ କରିବାରେ ସକ୍ଷମ ହେବେ ଏବଂ ସେମାନଙ୍କ ଅର୍ଥନୈତିକ ବିକାଶ ପାଇଁ ସର୍ବାଧିକ ସୁବିଧା ନେବେ। ସାଙ୍ଗଠନିକ ଏବଂ ଆନୁଷ୍ଠାନିକ ବ୍ୟବସ୍ଥା ସମନ୍ୱିତ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ଉଚିତ।

## ୧.୩ ଗ୍ରାମାଞ୍ଚଳ ବିକାଶ ରଣନୀତିରେ ପୁନଃ ସଜ୍ଜୀକରଣର ଆବଶ୍ୟକତା

ଗ୍ରାମାଞ୍ଚଳ ବିକାଶ କେବଳ ଅଞ୍ଚଳର ସାମଗ୍ରିକ ବିକାଶ ସୂଚିତ କରେ ନାହିଁ ବରଂ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ଉନ୍ନତି ମଧ୍ୟ ସୂଚାଏ। ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟା ଗ୍ରାମାଞ୍ଚଳ ପରିବେଶ,ଗ୍ରାମୀଣ ଦାରିଦ୍ର୍ୟ ଏବଂ ଗ୍ରାମାଞ୍ଚଳ ଗୋଷ୍ଠୀର ଅନ୍ୟାନ୍ୟ ଦୁର୍ବଳ ବିଭାଗକୁ ବ୍ୟାପ୍ତ ହୋଇଥାଏ। ଗ୍ରାମାଞ୍ଚଳ ବିକାଶ ରଣନୀତିରେ ମୁଣ୍ଡପିଛା ଉତ୍ପାଦକତା ଏବଂ ଆୟର ସୁନିଶ୍ଚିତ ଅଭିବୃଦ୍ଧି, ଉତ୍ପାଦକ ନିଯୁକ୍ତି ପ୍ରସାରଣ,ମୂଲ୍ୟଭିତ୍ତିକ ବଣ୍ଟନର ଅଭିବୃଦ୍ଧି, ଭିତ୍ତିଭୂମିର ପର୍ଯ୍ୟାପ୍ତ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଯାହା ସମାଜର ଆର୍ଥିକ ଅଭିବୃଦ୍ଧି ଘଟାଏ। ଏହି ଗୁଡ଼ିକ ଗ୍ରାମାଞ୍ଚଳରେ ବାସ କରୁଥିବା ଏକ ନିର୍ଦ୍ଦିଷ୍ଟ ଦଳର ସାମାଜିକ ଆର୍ଥିକ ଅଭିବୃଦ୍ଧି ପାଇଁ ପରିକଳ୍ପିତ ହେବା ଉଚିତ।

କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଗୁଡ଼ିକ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ପ୍ରକାର କାର୍ଯ୍ୟକ୍ରମ ସମ୍ପାଦନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଗୁଡ଼ିକ ହିତାଧିକାରୀ ଅଭିମୁଖୀ କିମ୍ବା ଏହାର ଲକ୍ଷ୍ୟ ଭିତ୍ତିଭୂମି ବିକାଶ ପାଇଁ ଅଭିପ୍ରେତ। ଆବଶ୍ୟକତା ଅନୁଯାୟୀ ନୂଆ କାର୍ଯ୍ୟକ୍ରମ ଗୁଡ଼ିକ ପ୍ରଚଳନ କରାଯାଉଛି। କିନ୍ତୁ ପ୍ରବର୍ତ୍ତନ ଏବଂ ସଂପାଦନ ପରିସରରେ କେତେକ ତ୍ରୁଟି ବିଚ୍ୟୁତି ଏବଂ ଦୁର୍ବଳତା ଦୃଷ୍ଟିଗୋଚର ହେଉଛି। ଅଧିକାଂଶ ସମ୍ବଳ ସୁଚିନ୍ତିତ ବ୍ୟବସ୍ଥା ଅଭାବରୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରୁନାହିଁ। ଏହା ସୂଚିତ ଯେ ଗ୍ରାମାଞ୍ଚଳ ବିକାଶ ବଜେଟ୍‌ର କେବଳ ମାତ୍ର ୧୮ ପ୍ରତିଶତ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଛି। ଅନ୍ୟ ପକ୍ଷରେ ବଳକା ୮୨ ପ୍ରତିଶତ ଦକ୍ଷ ସମ୍ପାଦନ ବ୍ୟବସ୍ଥା ଅଭାବରୁ ଭ୍ରଷ୍ଟ ଏବଂ ନଷ୍ଟ ହୋଇଛି। ତେଣୁ ଗ୍ରାମାଞ୍ଚଳ ବିକାଶ ରଣନୀତିର ପୁନଃ ସଜ୍ଜୀକରଣ ଏବଂ ସମାଯୋଜନାର ଅବାଶ୍ୟକତା ରହିଛି।

## ୧.୩.୧ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ

ଯଦି ଅର୍ଥନୀତିର ସାମଗ୍ରିକ ଅଭିବୃଦ୍ଧି ମନ୍ଥର ଏବଂ ଏହାର ଅନୌଚିତ୍ୟ ବିତରଣ ହୁଏ ତେବେ ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରତ୍ୟକ୍ଷ ଆକ୍ରମଣ ରଣନୀତି ସୁନିଶ୍ଚିତ ହୋଇପାରିବ ନାହିଁ। ତେଣୁ ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ ସାମୂହିକ ଅର୍ଥନୈତିକ ଅଭିବୃଦ୍ଧି ହେଉଛି ତାହା ଯାହା ଗରିବଙ୍କ ପାଇଁ ପର୍ଯ୍ୟାପ୍ତ ଆୟ ସୃଷ୍ଟି କରିଥାଏ। ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଗୁଡ଼ିକୁ ସାମୂହିକ ଅର୍ଥନୈତିକ ଅଭିବୃଦ୍ଧିର ମୌଳିକ ଯୋଜନାର ପରିପୂରକ ଭାବେ ବିବେଚନା କରାଯିବା ଉଚିତ।

## ୧.୩.୨ ହିତାଧିକାରୀ ସମୂହ

ଗ୍ରାମାଞ୍ଚଳର ଗରିବ ଜନତା କ୍ରମାନ୍ୱୟରେ ଅନେକ ସମସ୍ୟା ଦେଇ ଗତି କରୁଥିବାରୁ ତାହା ସେମାନଙ୍କ ଜୀବନର ଗୁଣବତ୍ତା ଏବଂ ବଞ୍ଚିବା ଉପରେ ପ୍ରଭାବ ପକାଇଥାଏ। ସେହି ସମସ୍ୟା ଗୁଡ଼ିକୁ ଚାରି ଭାଗରେ ଯଥା- ଜୀବିକା ନିର୍ବାହର ଉପାୟ,ସ୍ୱାସ୍ଥ୍ୟ,ଶିକ୍ଷା ଏବଂ ସାମାଜିକ ବିକାଶ ଏଭଳି ଶ୍ରେଣୀବଦ୍ଧ କରାଯାଇପାରେ। ଜୀବିକା ନିର୍ବାହ ସମସ୍ୟା ସବୁଠାରୁ ଅଧିକ ଗୁରୁତର ଏବଂ ଭୟାବହ। ଏହାକୁ ବିକାଶ ସଂସ୍ଥାଗୁଡ଼ିକ ତତ୍‌କ୍ଷଣାତ୍ ଅଧିକ ଧ୍ୟାନ ଦେବା ଆବଶ୍ୟକ। ହିତାଧିକାରୀଙ୍କ ନିରକ୍ଷରତା ଏବଂ ଦୁର୍ବଳ ଅର୍ଥନୈତିକ ସ୍ଥିତି ଏବଂ ମଧ୍ୟସ୍ଥିଙ୍କ ଶୃଙ୍ଖଳ ହେତୁ ଉଦ୍ଦିଷ୍ଟ ବ୍ୟୟର ସ୍ୱଳ୍ପ ଭାଗ ହିଁ କେବଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁଛି। ନିଯୁକ୍ତି କାର୍ଯ୍ୟକ୍ରମ, ଦୀର୍ଘ ଉପଯୋଗୀ ଗୋଷ୍ଠୀ ସମ୍ପତ୍ତି ସୃଷ୍ଟି ମାଧ୍ୟମରେ ଗରିବ ଲୋକଙ୍କୁ ଏକ ନିରାପଦ ମଜୁରୀ ଆୟ ପ୍ରଦାନ କରିପାରିବ। ହିତାଧିକାରୀଙ୍କ ପାଇଁ ଦଳ ନିବଦ୍ଧ କାର୍ଯ୍ୟାବଳୀ ପଦକ୍ଷେପ,ସମବାୟ ସମିତି,ନିବନ୍ଧିତ ସମିତି ଏବଂ ଅନୌପଚାରିକ ଦଳ ମାଧ୍ୟମରେ ଗ୍ରହଣ କରିବା ଉଚିତ।

## ୧.୩.୩ ଗ୍ରାମୀଣ ପଞ୍ଚାୟତ

ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ତୃଣମୂଳ ସ୍ତରୀୟ ଲୋକଙ୍କ ସହଭାଗିତା ସହ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଗୁଡ଼ିକର ଯୋଜନା ବିକେନ୍ଦ୍ରୀକରଣ ଏବଂ ସମ୍ପାଦନ ସୁନିଶ୍ଚିତ କରିବା ଉଚିତ। ପ୍ରଶାସନ ଗ୍ରାମାଞ୍ଚଳ ବିକାଶର ଯୋଜନାର ରୂପରେଖ ଓ ରଣନୀତିର ଦାୟିତ୍ୱ ଗ୍ରାମପଞ୍ଚାୟତ ଗୁଡ଼ିକୁ ଅର୍ପଣ କରିବା ଉଚିତ। ଗ୍ରାମାଞ୍ଚଳରେ ଗ୍ରାମବାସୀଙ୍କ ଅନୁଷ୍ଠାନର ସୁନିଶ୍ଚିତ ବିକାଶ ଆବଶ୍ୟକ। ଗ୍ରାମସଭା ସମୂହର ଉତ୍‌ଥାନ କରିବା ସହ ଲୋକଙ୍କ ସହଯୋଗରେ ଏହାର କାର୍ଯ୍ୟ ନିର୍ବାହ କରି, ରାଜ୍ୟ ଗ୍ରାମାଞ୍ଚଳର ବିକାଶ ହାସଲ କରିବା ଉଚିତ। ସେଥିପାଇଁ ପଞ୍ଚାୟତ, ସମବାୟ ସମିତି, ବ୍ୟାଙ୍କ ଏବଂ ବିଦ୍ୟାଳୟ ଗୁଡ଼ିକ ସମନ୍ୱୟ ରକ୍ଷାକରି କାମ କରିବା ଆବଶ୍ୟକ। ସମ୍ପତ୍ତି ଆଇନର ଗଠନ ଗତ ସଂସ୍କାର, ନିର୍ବାଚନ ସଂସ୍କାର, ସାମାଜିକ ଓ ଅର୍ଥନୈତିକ ସଂସ୍କାର ବିନା ପଞ୍ଚାୟତିରାଜ ଏକ ପ୍ରଭାବଶାଳୀ ପ୍ରଶାସନିକ ଉପକରଣ ହୋଇ ପାରିବ ନାହିଁ।

## ୧.୩.୪ ସାମାଜିକ ରୂପାନ୍ତର (ପରିବର୍ତ୍ତନ)

ପ୍ରତ୍ୟେକ ଅଞ୍ଚଳ ଅଭିବୃଦ୍ଧି, ଉତ୍ପାଦକତା, ସ୍ଥିରତା, ସହଭାଗୀତା ଏବଂ ଜନସଂଖ୍ୟା ହ୍ରାସକୁ ପ୍ରାଧାନ୍ୟ ଦେବା ଉଚିତ। ଗ୍ରାମାଞ୍ଚଳ ଗରିବ ଲୋକଙ୍କ ଅର୍ଥନୈତିକ ଉତ୍କର୍ଷ ସାଧନ, ସାମାଜିକ ରୂପାନ୍ତର ଦ୍ୱାରା ଗଠନଗତ ପରିବର୍ତ୍ତନ, ଶିକ୍ଷାର ବିକାଶ, ସଚେତନତାର ଅଭିବୃଦ୍ଧି, ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ, ପ୍ରେରଣା ଓ ମନୋଭାବକୁ ସମାହିତ କରି ଅଣାଯାଇ ପାରିବ। ତେଣୁ ମଦ୍ୟପାନ, ଧୂମପାନ, ନିଶାଦ୍ରବ୍ୟ ସେବନ ଇତ୍ୟାଦି ସାମାଜିକ ଭ୍ରଷ୍ଟାଚାରକୁ ନିରାକରଣ କରିବା ଉଚିତ।

## ୧.୩.୫ ଗ୍ରାମାଞ୍ଚଳ ଗରିବର ସାମର୍ଥ୍ୟ ଗଠନ

ଗ୍ରାମାଞ୍ଚଳ ଗରିବଙ୍କ ସାମର୍ଥ୍ୟ ଗଠନ ପାଇଁ ସୁଯୋଗ ଯଥା ନିଯୁକ୍ତି ସୁଯୋଗର ମାର୍ଗ ସୃଷ୍ଟି ଏବଂ ପାନୀୟ ଜଳ, ବାସଗୃହ, ରାସ୍ତା ଏବଂ ବିଦ୍ୟୁତ ଇତ୍ୟାଦି ମୌଳିକ ସୁବିଧା ସୁଯୋଗ ଉପଲବ୍ଧ କରାଇବା କାର୍ଯ୍ୟକ୍ରମ ଗୁଡ଼ିକର ଲକ୍ଷ୍ୟ ହେବା ଉଚିତ।

## ୧.୩.୬ ପ୍ରକଳ୍ପ ପ୍ରସ୍ତାବ ଗୁଡ଼ିକର ବିକାଶ

ଆଞ୍ଚଳିକ ଆବଶ୍ୟକତା ଏବଂ ସହଜଲଭ୍ୟ ସୁଯୋଗ ଆଧାରରେ ପ୍ରକଳ୍ପ ପ୍ରସ୍ତାବ ଗୁଡ଼ିକ ବିତ୍ତୀୟ ସମ୍ବଳ ଏବଂ ତା'ର ସମ୍ପାଦନ ପାଇଁ ପ୍ରସ୍ତୁତ କରିବା ବାଞ୍ଛନୀୟ। ପ୍ରସ୍ତାବର ବିଭିନ୍ନ ବିଭାବକୁ ଯଥା ଭିତ୍ତିଭୂମିର ଆବଶ୍ୟକତା, ନିର୍ଦ୍ଦିଷ୍ଟ ଦଳର ଚିହ୍ନଟ ଏବଂ ତା'ର କାର୍ଯ୍ୟଭାରକୁ ଗ୍ରହଣ କରିବା ଆବଶ୍ୟକ। ଉପରୋକ୍ତ ସମସ୍ତ ପ୍ରସ୍ତାବର ପୁଙ୍ଖାନୁପୁଙ୍ଖ ବିବରଣୀ ବ୍ୟବସ୍ଥିତ ଭାବେ ଉପସ୍ଥାପନା କରାଯାଇପାରେ।

## ୧.୩.୭ ଲାଭପ୍ରଦ ମୂଲ୍ୟ

ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଲାଭପ୍ରଦ ହେବା ଉଚିତ। ଏହାର ଅପଚୟ ଅଥବା ନିସରଣ ସର୍ବନିମ୍ନ ହେବା ଜରୁରୀ। ବିଭିନ୍ନ ଅଞ୍ଚଳର ପାରିପାର୍ଶ୍ୱିକ ଅବସ୍ଥା ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ନମନୀୟତା ସୁନିଶ୍ଚିତ ହେବା ନିହାତି ଆବଶ୍ୟକ। ଜିଲ୍ଲା ସ୍ତରରେ ଉତ୍ତମ ଯୋଜନା ଦ୍ୱାରା ବିଭାଗକୁ ସମ୍ବଳର ସର୍ବାଧିକ ବ୍ୟବହାର ଏବଂ ଅତି ନିକଟରୁ ଯାଞ୍ଚ ନିମନ୍ତେ ଦୃଢ଼ ଆନୁଷ୍ଠାନିକ ବ୍ୟବସ୍ଥା ସହ ସଂଶ୍ଳିଷ୍ଟ କରାଗଲେ କାର୍ଯ୍ୟକ୍ରମ ଗୁଡ଼ିକର ଫଳପ୍ରଦ ସମ୍ପାଦନ କରାଯାଇ ପାରିବ।

## ୧.୩.୮ ଋଣ ଏବଂ ବିପଣନ

ଲୋକମାନଙ୍କୁ ଏକତ୍ରୀକରଣ ବ୍ୟତୀତ ଭିତ୍ତିଭୂମି,କଞ୍ଚାମାଲ ଯୋଗାଣ,ବିତ୍ତ, ଉତ୍ପାଦନ ପରବର୍ତ୍ତୀ ପ୍ରକ୍ରିୟା ଏବଂ ଉତ୍ପାଦର ବିପଣନକୁ ସଂଘଟିତ କରିବା ଆବଶ୍ୟକ। ଜୀବିକା ନିର୍ବାହ ପ୍ରକଳ୍ପ ଗୁଡ଼ିକରେ ଅର୍ଥ ଏବଂ ବସ୍ତୁର ପ୍ରାପ୍ତି ସଫଳତାର ସୂଚକ। ତେଣୁ ବଜାର ବିକାଶ କାର୍ଯ୍ୟକ୍ରମର ସ୍ଥାୟିତ୍ୱ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଯେକୌଣସି ବିକାଶମୂଳକ କାର୍ଯ୍ୟକ୍ରମର ସଫଳତା ପାଇଁ ଯାନ୍ତ୍ରିକ କେନ୍ଦ୍ର, ବିତ୍ତ ଅନୁଷ୍ଠାନ ଏବଂ ବିପଣନ ବ୍ୟବସ୍ଥା ସହ ଦୃଢ଼ ସଂଯୋଗ ଥିବା ଏକ ଦୃଢ଼ ଆଞ୍ଚଳିକ ସଙ୍ଗଠନର ଆବଶ୍ୟକତା ରହିଛି। ସମସ୍ତ ପାଣ୍ଠିର ସଂଯୋଗୀକରଣ ବ୍ୟାଙ୍କ ଏବଂ ସମବାୟ ସମିତି ମାଧ୍ୟମରେ ହେବାକୁ ବାଧ୍ୟ ଅଟେ। ତେଣୁ ଆର୍ଥିକ ବିକାଶ ପାଇଁ ଗ୍ରାମାଞ୍ଚଳ ବିକାଶ ରଣନୀତି ପ୍ରାକୃତିକ ସମ୍ବଳର ସମବଣ୍ଟନ, ଯାନ୍ତ୍ରିକ ସ୍ଥାନାନ୍ତର ପାଇଁ ଉତ୍ତମ ସଂପ୍ରସାରିତ ସଂଯୋଗ ବ୍ୟବସ୍ଥା, ଭିତ୍ତିଭୂମି ପାଇଁ କଞ୍ଚାମାଲର ସମୟୋଚିତ ବିତରଣ ଏବଂ କ୍ରୟ ପାଇଁ ସଂଯୋଗ ବ୍ୟବସ୍ଥା,ଉତ୍ପାଦର ପ୍ରକ୍ରିୟା ଏବଂ ବିତରଣ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରିବା ଉଚିତ।

ଅଧିକନ୍ତୁ ଆଞ୍ଚଳିକ ନେତୃତ୍ୱ ନିର୍ମାଣ ସହ ଲୋକମାନେ ନିଜେ ନିଜକୁ ଉତ୍ତରଦାୟୀ ଉପଲବ୍ଧି କରିବା ନିହାତି ଆବଶ୍ୟକ। ଭବିଷ୍ୟତର ବିକାଶ କାର୍ଯ୍ୟ ଜଟିଳ ରୂପରେଖ ଆବଶ୍ୟକ କରେ। ରାଜ୍ୟ ସରକାର ଗୁଡ଼ିକ ଗ୍ରାମ ସଭାକୁ ସୁଦୃଢ଼ କରିବା ପାଇଁ ତୃଣମୂଳ ସ୍ତରରୁ ଜନତାଙ୍କୁ ଜାଗ୍ରତ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧିମାନଙ୍କୁ ପ୍ରଶିକ୍ଷିତ କରାଇବା ପାଇଁ ବ୍ୟବସ୍ଥିତ ଏବଂ ବ୍ୟାପକ ତାଲିମ୍ କାର୍ଯ୍ୟକ୍ରମ ହାତକୁ ନେବା ଆବଶ୍ୟକ।

# ୧.୪ ସୂଚନା ଅଧିକାର ଆଇନ (RTI) ଓ ଗ୍ରାମାଞ୍ଚଳ ବିକାଶ

## ୧.୪.୧ ସୂଚନା ଅଧିକାର ଆଇନ (RTI)

ସୂଚନା ଅଧିକାର ଆଇନ୍ ଏକ ମୌଳିକ ଗଣତାନ୍ତ୍ରିକ ଅଧିକାର ଯାହା ପ୍ରାୟ ସମସ୍ତ କ୍ରିୟାଶୀଳ ଗଣତନ୍ତ୍ରରେ ଅବସ୍ଥିତ । ଏହି ଭାବଧାରା ଏହାର ଉତ୍ତମ ଶାସନ ଓ ତତ୍ତ୍ୱାବଧାନର ଜନାଦୃତ ବିଭାବ ଯୋଗୁଁ ବିଶ୍ୱ ବ୍ୟାଙ୍କ ଦ୍ୱାରା ପ୍ରଚାରିତ ହୋଇଛି । ସର୍ବୋଚ୍ଚ ନ୍ୟାୟପାଳିକା ନିଜର ରାୟରେ ବିଚାର ପ୍ରଦାନ କରିଛନ୍ତି ଯେ ସୂଚନା ଅଧିକାର ଆଇନ ଭାରତୀୟ ସମ୍ବିଧାନର ଧାରା ୧୯ (କ) ଅନ୍ତର୍ଭୁକ୍ତ ବ୍ୟକ୍ତିର ପ୍ରାକ୍ ସ୍ୱାଧୀନତା ମୌଳିକ ଅଧିକାରରୁ ଆନୀତ ଏବଂ ଭାରତୀୟ ସଂସଦ ଏହି ବିଚାର ଧାରାକୁ ପ୍ରଭାବଶୀଳ କରିବା ପାଇଁ ବଜେଟ୍ ଅଧିବେଶନରେ ସୂଚନା ଅଧିକାର ଆଇନ ୨୦୦୫ ବିଧେୟକ ପାରିତ କରିଛନ୍ତି ।




**Source:** www.slideshare.net

## ୧.୪.୨ ସୂଚନା ଅଧିକାର ଆଇନ (RTI) ଏବଂ ଗ୍ରାମାଞ୍ଚଳ ବିକାଶ

ଗ୍ରାମାଞ୍ଚଳ ବିକାଶ ଦ୍ୱାରା ସାଧାରଣ ଭାବେ ଦାରିଦ୍ର୍ୟ ଦୂରୀକରଣ ଏବଂ ବିଶେଷ ଭାବେ ନିଯୁକ୍ତି ସୃଷ୍ଟି ହେଉଛି । ଭାରତୀୟ ଯୋଜନା ଏବଂ ନୀତି ନିର୍ଦ୍ଧାରଣକାରୀଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ । ଗ୍ରାମୀଣ ଭାରତ ସମ୍ମୁଖ ଦାରିଦ୍ର୍ୟ ଏବଂ ନିରକ୍ଷରତା, ସର୍ବବ୍ୟାପୀ ରୋଗ, ଚିନ୍ତାଜନକ ବେକାରୀ,ଶିଶୁ, ନାରୀ ଓ ସର୍ବସାଧାରଣରେ ଖାଦ୍ୟ ଅପପୁଷ୍ଟିର ପ୍ରାବଲ୍ୟ ଭଳି ସମସ୍ୟା ବହୁଳ ଅଟେ । ରାସ୍ତାଘାଟ, ବିଦ୍ୟୁତ, ପ୍ରାଥମିକ ଚିକିତ୍ସା, ପାନୀୟ ଜଳ ଇତ୍ୟାଦି ପାରମ୍ପରିକ କୃଷି ପ୍ରଣାଳୀ, ଅଣଜଳସେଚନ, ଏବଂ ବହୁ ସାମାଜିକ ରାଜନୈତିକ ସମସ୍ୟା ଭଳି ଶୋଚନୀୟ ଭିତ୍ତିଭୂମି ବହୁ ଭାବରେ ପରିଚିତ (ସର୍ବଜନ ବିଦିତ) । ଗ୍ରାମାଞ୍ଚଳର ଉନ୍ନତିର ବିଫଳତାର ଦୃଶ୍ୟପଟରେ ନୀତି ପ୍ରଣୟନ ଯେତିକି ନୁହେଁ ତା'ଠାରୁ ଅଧିକ ସେଗୁଡ଼ିକର ସମ୍ପାଦନ ଦାୟୀ । ସମସ୍ୟା ହେଲା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କ ସଚେତନତାର ଅଭାବ ଏବଂ କାର୍ଯ୍ୟକ୍ରମର ସମ୍ପାଦନରେ ଘୋର ଦୁର୍ନୀତି ହେତୁ ଏହା ଫଳପ୍ରଦ ହୋଇ ପାରୁନାହିଁ । ଏହି କ୍ଷେତ୍ରରେ ସୂଚନା ଅଧିକାର ଆଇନ ଅଙ୍କୁଶ ଲଗାଇବାର ଉପକରଣ ଭଳି କାମ କରିପାରେ ।

ସୂଚନା ଅଧିକାର ଆଇନର ବ୍ୟବହାର ଦ୍ୱାରା ଲୋକମାନେ ବିକାଶମୂଳକ ଏବଂ ମଙ୍ଗଳକାରୀ ଯୋଜନାର ଉପାଦାନ ଗୁଡ଼ିକ ବିଷୟରେ ସଚେତନ ହୋଇ ପାରିବେ। ଏହାଦ୍ୱାରା ଏଗୁଡ଼ିକର ସମ୍ପାଦନରେ ସ୍ପଷ୍ଟତା ଏବଂ ସ୍ୱଚ୍ଛତା ଅଣାଯାଇ ପାରିବ। ଏହା ନୀତି ପ୍ରଣୟନ ଏବଂ ସମ୍ପାଦନରେ ଲୋକଙ୍କ ସହଭାଗୀତା ସୁଗମ କରିବାରେ ସାହାଯ୍ୟ କରିବ। ସୂଚନା ଅଧିକାର ଉପକରଣ କାର୍ଯ୍ୟାଳୟ ନଥିରୁ ସଂଗ୍ରହ କରିପାରେ ଏବଂ ତାପରେ କ୍ଷେତ୍ରୀୟ ବାସ୍ତବତା ସହ ତୁଳନା କରି ଏହାର ଅସଙ୍ଗତିକୁ ଧରିପାରେ।

## ୧.୪.୨.୧ ସୂଚନା ଅଧିକାର ଆଇନ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା

ଗ୍ରାମାଞ୍ଚଳରେ କ୍ଷୁଧା ଏବଂ, ଅପପୁଷ୍ଟି ଉଦ୍‌ବେଗର କାରଣ ହୋଇଥାଏ। ଲୋକଙ୍କୁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଏବଂ ଉପଯୁକ୍ତ ପୁଷ୍ଟିକର ଖାଦ୍ୟସ୍ତର ଅକ୍ଷୁର୍ଣ୍ଣ ରଖିବା ପାଇଁ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁବିଧା ରଖିଛନ୍ତି, ଯାହା ସମ୍ଭବତଃ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଲୋକଙ୍କୁ ମାସିକ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଇବା ପାଇଁ ଉଦ୍ଦିଷ୍ଟ। ସୂଚନା ଅଧିକାର ଆଇନର ଅନ୍ତର୍ଗତ ବ୍ୟବସ୍ଥା ଅନୁଯାୟୀ କର୍ତ୍ତୃପକ୍ଷଙ୍କ ସମ୍ଭବତଃ ବିଭିନ୍ନ ସାଧାରଣ ସମସ୍ୟା ଉପରେ ନିଜ ଆଡୁ ସୂଚନା ପ୍ରସାରଣ କରିବାକୁ ହେବ। ବିଭିନ୍ନ ସମସ୍ୟାର ସୂଚନା ସୁନିଶ୍ଚିତ ପ୍ରକ୍ରିୟା ସମୟରେ ସର୍ବସାଧାରଣ ସଦସ୍ୟଗଣ ଯୁକ୍ତିଯୁକ୍ତ ଭାବେ ପ୍ରତିକାର ଉପାୟର ଏବଂ ସେହି ସମସ୍ୟାର ବିକଳ୍ପ ପ୍ରସ୍ତାବ ନୀତି ଉପରେ ପରାମର୍ଶ ଦେବା ବିଧେୟ। ସଠିକ୍ ଭାବେ ଏହା ପ୍ରସ୍ତୁତ କରାଗଲା ପରେ ଏହା ବୁଦ୍ଧିଜୀବୀ ଏବଂ ନାଗରିକ ସମାଜ ଏବଂ ସାଧାରଣ ଲୋକଙ୍କୁ ନୀତି ଗଠନ ପ୍ରକ୍ରିୟା, ନିଷ୍ପତ୍ତି ପ୍ରସ୍ତୁତ ଏବଂ ଏହାର ସମ୍ପାଦନ ପାଇଁ ସେମାନଙ୍କ ଅଭିଜ୍ଞତା ନିବେଶ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିବ।

## ୧.୪.୩ ସୂଚନା ଅଧିକାର ଆଇନ (RTI) ଏବଂ ଦାରିଦ୍ର୍ୟ ଦୂରୀକରଣ ଏବଂ ନିଯୁକ୍ତି ସୃଷ୍ଟିକାରୀ ଯୋଜନା

ଦୁଇଟି ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଭାବେ ଗ୍ରାମାଞ୍ଚଳର ଖାଦ୍ୟ ସୁରକ୍ଷା ସୁନିଶ୍ଚିତ ଏବଂ ପୁଷ୍ଟିସାର ଖାଦ୍ୟର ମାନ ଉନ୍ନତି ଲକ୍ଷ୍ୟରେ ଅଣକୁଶଳୀ ଲୋକଙ୍କୁ ଅତିରିକ୍ତ ମଜୁରୀ ନିଯୁକ୍ତି ପ୍ରଦାନ ଲକ୍ଷ୍ୟ ନେଇ କ୍ରିୟାଶୀଳ ଅଟନ୍ତି। ସେଗୁଡ଼ିକ ହେଲା ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ଏବଂ ଜାତୀୟ ଖାଦ୍ୟ ପାଇଁ କାର୍ଯ୍ୟ କାର୍ଯ୍ୟକ୍ରମ। ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମୀଣ ସ୍ୱରୋଜଗାର ଯୋଜନା ଓ ପ୍ରଧାନମନ୍ତ୍ରୀଙ୍କ ଗ୍ରାମୋଦୟ ଯୋଜନା ଭଳି ଆତ୍ମନିଯୁକ୍ତି କାର୍ଯ୍ୟକ୍ରମରେ ପରିଦୃଷ୍ଟ ତ୍ରୁଟିପୂର୍ଣ୍ଣ ସମ୍ପାଦନ, ସର୍ବବ୍ୟାପୀ ପ୍ରୀୟାପ୍ରୀତି ତୋଷଣ, ପକ୍ଷପାତିତା ଏବଂ ଅନିର୍ଭରଯୋଗ୍ୟତା ଆଉ ଏକ ସମାନ ଉଦ୍‌ବେଗ ଜନକ ସମସ୍ୟା ଅଟେ। ଏହା ଏକ ଅନାବୃତ ସତ୍ୟ ଯେ କାର୍ଯ୍ୟକ୍ରମ ସମ୍ପାଦନ ବେଳେ ପ୍ରବଳ ଭାବେ ଅର୍ଥ ଆତ୍ମସାତ ଏବଂ ଅନିୟମିତତା ଘଟିବାପରିଲକ୍ଷିତ ହୁଏ। ଯାଞ୍ଚ ନିମନ୍ତେ ଯେକୌଣସି ବ୍ୟକ୍ତି,କିମ୍ବା ଲୋକଗୋଷ୍ଠୀ କିମ୍ବା ନାଗରିକ ସମାଜ ସଂସ୍ଥା ସୂଚନା ଅଧିକାର ଆଇନ ବଳରେ କାର୍ଯ୍ୟକ୍ରମ ଗୁଡ଼ିକର ହିତାଧିକାରୀ ତାଲିକା ବିଷୟରେ ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିପାରିବେ। ତାଲିକା ପାଇବା ପରେ, ତାଲିକାରେ ପ୍ରଦତ୍ତ ହିତାଧିକାରୀଙ୍କୁ ଅନୁସନ୍ଧାନ ପୂର୍ବକ ସତ୍ୟତା ପରୀକ୍ଷଣ କରାଯାଇପାରେ। ଯଥା -

(କ) ସେମାନଙ୍କୁ ପ୍ରକୃତରେ କାମ ଦିଆଯାଇଛି କି ନାହିଁ

(ଖ) ଯଦି ଦିଆଯାଇଛି, ତେବେ ନଥିରେ ଉଲ୍ଲିଖିତ ସଂଖ୍ୟା ମୁତାବକ ପୈଠ ହୋଇଛି କି ନାହିଁ

ଯଥାଯଥ ଭାବେ ସୂଚନା ଅଧିକାର ନିୟମ ବ୍ୟବହାର ଦ୍ୱାରା ପ୍ରୀୟାପ୍ରୀତି ତୋଷଣ ଏବଂ ପକ୍ଷପାତିତା ଦୂରୀକରଣ ଏବଂ ହିତାଧିକାରୀ ଚୟନ ଏବଂ ଉତ୍ତମ ଫଳପ୍ରଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ଅଣାଯାଇ ପାରିବ ଏବଂ ଏହି ପ୍ରକ୍ରିୟା ପ୍ରଭାବଶାଳୀ ପ୍ରମାଣିତ ହେବ।

## ୧.୪.୪ ସୂଚନା ଅଧିକାର ଆଇନ ଏବଂ ଗ୍ରାମାଞ୍ଚଳ ଭିତ୍ତିଭୂମି

ପରବର୍ତ୍ତୀ ପ୍ରଧାନ ଉଦ୍‌ବେଗଜନିତ ସମସ୍ୟା ହେଉଛି ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀଙ୍କ ଗ୍ରାମୋଦୟ ଯୋଜନା ଇନ୍ଦିରା ଆବାସ ଯୋଜନା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନା ଗ୍ରାମାଞ୍ଚଳର ଭିତ୍ତିଭୂମି ଯଥା ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତକରଣ, ବାସଗୃହ ଇତ୍ୟାଦି ପ୍ରଦାନ କରିବା କାର୍ଯ୍ୟ ନିର୍ବାହ କରୁଛନ୍ତି। ଏହି କାର୍ଯ୍ୟ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଗୋଟିଏ ଗ୍ରାମ କିମ୍ବା ଅଞ୍ଚଳରେ ହୋଇଥିବା ସର୍ବସାଧାରଣ କାର୍ଯ୍ୟର ଏକ କିମ୍ବା ତତୋଧିକ ବିତ୍ତୀୟ ବର୍ଷର ନଥିପତ୍ର ସୂଚନା ଆଇନ ବଳରେ ହିସାବ ସମୀକ୍ଷା ପରିଚାଳନା ପାଇଁ ମଗାଯାଇପାରେ। ସ୍ୱୟଂ କାର୍ଯ୍ୟସ୍ଥଳକୁ ତଦାରଖ ପାଇଁ ପରିଦର୍ଶନକୁ ଯାଇ ନିମ୍ନ ସମୀକ୍ଷା କରିପାରିବେ।

(କ) କାମ ହୋଇଛି କି ନାହିଁ।

(ଖ) ଯଦି କାମ ହୋଇଛି ତାହା ସନ୍ତୋଷଜନକ ଗୁଣମାନର କି ନାହିଁ।

ସେହିପରି ସୂଚନା ଅଧିକାର ଆଇନର ଅଭିନବ ଓ ସୃଜନୀଶକ୍ତିର ପ୍ରୟୋଗ ଦ୍ୱାରା ନିରକ୍ଷରତା, ନ୍ୟୁନ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟକର ଅବସ୍ଥା, ଅଙ୍ଗନବାଡ଼ିରେ ନିମ୍ନ କାର୍ଯ୍ୟଧାରା ଇତ୍ୟାଦି ସମସ୍ୟାର ଉନ୍ମୋଚନ କରାଯାଇ ପାରିବ। ଏବଂ ସର୍ବୋପରି ଗ୍ରାମାଞ୍ଚଳର ଅବିକଶିତ କୃଷି ଏବଂ ଜଳସେଚନ ପାଇଁ ଉଦ୍ଦିଷ୍ଟ ଆବଣ୍ଟିତ ସାଧାରଣ ଅର୍ଥର ଫଳପ୍ରଦ ବ୍ୟୟ ସୁନିଶ୍ଚିତ କରାଯାଇପାରିବ।

## ୧.୪.୪.୧ ସୂଚନା ଅଧିକାର ଆଇନ ଓ ପଞ୍ଚାୟତିରାଜ ଅନୁଷ୍ଠାନ

ବିଭିନ୍ନ ରାଜ୍ୟର ଗ୍ରାମାଞ୍ଚଳରେ ସୂଚନା ଅଧିକାର ଆଇନର ନିରନ୍ତର ଆନ୍ଦୋଳନ ଲୋକମାନଙ୍କୁ ବିଭିନ୍ନ ରାଜ୍ୟ ସରକାରଙ୍କ ଉପରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର, ପ୍ରଭାବଶାଳୀ କାର୍ଯ୍ୟକାରୀତା ପାଇଁ ନିମ୍ନ ପରାମର୍ଶ ଗୁଡ଼ିକ ଜଡ଼ିତ (ଅନ୍ତର୍ଭୁକ୍ତ) କରିବାରେ ସମର୍ଥ ହେବେ, ଯେହେତୁ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଗ୍ରାମାଞ୍ଚଳର ବିକାଶରେ ମୁଖ୍ୟ ଅସ୍ତ୍ର ଅଟନ୍ତି।

୧) ମୁଖିଆମାନେ ଗ୍ରାମସଭା ସଦସ୍ୟମାନଙ୍କୁ ସଭାର ସମୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସଠିକ୍ ସୂଚନା ଦେବା ବାଧ୍ୟତାମୂଳକ ହେବା ଉଚିତ।

୨) ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଯୋଜନା ଗୁଡ଼ିକ ପାଣ୍ଠିମୁକ୍ତ ହେବା ପୂର୍ବରୁ ଗ୍ରାମ ସଭାରେ ଦସ୍ତଖତ ମାଧ୍ୟମରେ ଅନୁମୋଦିତ ହେବା ଉଚିତ।

୩) ଦାରିଦ୍ର୍ୟ ଦୂରୀକରଣ ଏବଂ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମର ହିତାଧିକାରୀଙ୍କ ନାମ ଚୂଡ଼ାନ୍ତ କରିବା ପୂର୍ବରୁ ସଭାରେ ଆବଶ୍ୟକ ସଭ୍ୟଙ୍କ ଉପସ୍ଥିତିରେ ଆଲୋଚନା ବାଧ୍ୟତାମୂଳକ କରିବାକୁ ହେବ। ସଭାରେ ନାରୀ ଏବଂ ତଫସିଲଭୁକ୍ତ ଜାତି ଏବଂ ଉପଜାତି ସଦସ୍ୟଙ୍କ ନିମ୍ନତମ ଉପସ୍ଥିତି ମଧ୍ୟ ରହିବା ଉଚିତ।

୪) ସମସ୍ତ ଆବଶ୍ୟକୀୟ ସୂଚନା ପଞ୍ଚାୟତ କାର୍ଯ୍ୟାଳୟର ସୂଚନା ଫଳକରେ ଟଙ୍ଗାଯିବା ଉଚିତ ଏବଂ ବ୍ୟୟର ସମସ୍ତ ନଥିପତ୍ର ଯଥା ବିଲ୍, ରସିଦ, ଯାଞ୍ଚବହି ସର୍ବସାଧାରଣଙ୍କ ପାଇଁ ସାମାଜିକ ହିସାବ, ସମୀକ୍ଷା ପାଇଁ ଉନ୍ମୁକ୍ତ ରଖିବା ଉଚିତ।

## ୧.୪.୪.୨ ସୂଚନା ଅଧିକାର ଆଇନ ଏବଂ ବିକାଶ ପ୍ରକ୍ରିୟାରେ ଲୋକଙ୍କ ଯୋଗଦାନ

ସୂଚନା ଅଧିକାର ଆଇନ ବିକାଶ ପ୍ରକ୍ରିୟାରେ ଲୋକଙ୍କ ସଂପୃକ୍ତି ଓ ଯୋଗଦାନକୁ ସୁଗମ କରାଏ। ଉପର ଆଲୋଚିତ ସୂଚନା ନିର୍ଣ୍ଣୟର ସମସ୍ତ କ୍ଷେତ୍ର ପ୍ରକ୍ରିୟା ସମୟରେ ସାଧାରଣ ସଦସ୍ୟମାନେ ସେହି ସମସ୍ୟା ଗୁଡ଼ିକର ପ୍ରତିକାର ସାଧନ ଉପାୟ ପରାମର୍ଶ ଏବଂ ବିକଳ୍ପ ନୀତି ପ୍ରସ୍ତାବ ଦେବା ଉଚିତ। ଏହା ବ୍ୟତୀତ ସୂଚନା ଅଧିକାର ଆଇନ ଅନୁଯାୟୀ କର୍ତ୍ତୃପକ୍ଷ ନିଜ ତରଫରୁ ବିଭିନ୍ନ ଉଦ୍‌ବେଗ ଜନକ ସମସ୍ୟା ଉପରେ କେତେକ ସୂଚନା ପ୍ରସାରଣ କରିବା ଆବଶ୍ୟକ। ସଠିକ୍ ଭାବେ ପ୍ରସ୍ତୁତି ଦ୍ୱାରା ଏହା ବୁଦ୍ଧିଜୀବୀ ନାଗରିକ ସମାଜ ଏବଂ ସାଧାରଣ ଲୋକଙ୍କୁ ନୀତି ଗଠନ ପ୍ରକ୍ରିୟା, ନିଷ୍ପତ୍ତି ପ୍ରସ୍ତୁତ ଏବଂ ସମ୍ପାଦନାରେ ସେମାନଙ୍କର ପ୍ରଚୁର ଅଭିଜ୍ଞତାର ନିବେଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିବ। ସୂଚନା ଅଧିକାର ଆଇନ ଆନ୍ଦୋଳନର ସଫଳତା ଏକ ପ୍ରଭାବଶାଳୀ ନିୟମ ଗୃହୀତ କରିବାରେ ରାଜନେତାଙ୍କ ଇଚ୍ଛାଶକ୍ତି ଏବଂ ଉତ୍ତମ ଶାସନ ଦୃଷ୍ଟିକୋଣରେ ଏହାକୁ ଉପଯୋଗୀ କରାଇବାରେ ଅମଲାତନ୍ତ୍ରର ମାନସିକତାର ପରିବର୍ତ୍ତନ ଉପରେ ନିର୍ଭର କରେ ଏବଂ ନାଗରିକ ସରକାରଙ୍କ ଉପରେ ନିରନ୍ତର ଚାପ ନିମନ୍ତେ ଏହି ଦୃଷ୍ଟିକୋଣ ପ୍ରସାରଣ ଏବଂ ଜନତାଙ୍କୁ ନିର୍ଦ୍ଦେଶ ଦେବା ବ୍ୟତୀତ ନାଗରିକ ସମାଜ ସରକାରଙ୍କ ଉପରେ ନିରନ୍ତର ଚାପ ପକାଇବା ଉଚିତ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଏକ ପ୍ରଭାବଶାଳୀ ସୂଚନା ଅଧିକାର ଆଇନ ହେବା ଉଚିତ। ଆଇନର ବିଭିନ୍ନ ବ୍ୟବସ୍ଥା ପ୍ରକାଶ କରିବା ସରକାରଙ୍କ ଦାୟିତ୍ୱ ଅଟେ। ତାହାହେଲେ ହିଁ ଦେଶର ଦୁର୍ଗମ ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ ଲୋକଙ୍କ ସଶକ୍ତିକରଣ ସମ୍ଭବ ଏବଂ ତୃଣମୂଳ ସ୍ତରରେ କାର୍ଯ୍ୟାନ୍ୱିତ ଗଣତନ୍ତ୍ର ଯୁଗର ପଥ ପ୍ରଦର୍ଶନ କରିବ।

## ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(କ) ପ୍ରଦତ୍ତ ଖାଲିସ୍ଥାନ ତୁମ ଉତ୍ତର ପାଇଁ ବ୍ୟବହାର କର

(ଖ) ଏହି ଏକକର ଶେଷରେ ପ୍ରଦତ୍ତ ସମ୍ଭାବିତ ଉତ୍ତର ସହ ତୁମ ଉତ୍ତର ମିଳାଅ।

୧) ଗ୍ରାମାଞ୍ଚଳ ବିକାଶରେ କେଉଁ ପ୍ରମୁଖ ଅନୁଷ୍ଠାନ ଗୁଡ଼ିକ ସଂଶ୍ଳିଷ୍ଟ ?

୨) ଗ୍ରାମାଞ୍ଚଳ ବିକାଶରେ ସୂଚନା ଅଧିକାର ଆଇନ କିପରି ସାହାଯ୍ୟ କରେ

## ୧.୫ ସାରାଂଶ

ଗ୍ରାମୀଣ ଗୋଷ୍ଠୀ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସେବାର ତଦାରଖ କରିବାରେ ସକ୍ଷମ ହେବେ ଏବଂ ସେମାନଙ୍କ ଆର୍ଥିକ ବିକାଶ ପାଇଁ ଗ୍ରାମୀଣ ସ୍ତରର ବିଭିନ୍ନ ଲୋକସଂସ୍ଥା ଏବଂ ସରକାରୀ ସଂସ୍ଥା ଯଥା ଗ୍ରାମ ପଞ୍ଚାୟତ, ଅଙ୍ଗନବାଡ଼ି, ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟାନ୍ୟ ସଂସ୍ଥା ଗୁଡ଼ିକ ସହ ଉତ୍ତମ ସଂଯୋଗ ସ୍ଥାପନ କରି ସର୍ବାଧିକ ଲାଭ ଉଠାଇବେ । ସୂଚନା ଅଧିକାର ଆଇନର ପ୍ରୟୋଗ ଲୋକଙ୍କ ମଧ୍ୟରେ ବିକାଶ ଏବଂ ମଙ୍ଗଳକାରୀ କାର୍ଯ୍ୟକ୍ରମ ଗୁଡ଼ିକର ବିଭିନ୍ନ ଦିଗ ଉପରେ ସଚେତନତା ପ୍ରସାର କରିପାରେ ।

## ୧.୬ ମୁଖ୍ୟ ଶବ୍ଦାବଳୀ

- **ଗ୍ରାମପଞ୍ଚାୟତ :** ତ୍ରିସ୍ତରୀୟ ପଞ୍ଚାୟତିରାଜ ଢାଞ୍ଚାରେ ଗ୍ରାମ ବା ଗ୍ରାମପଞ୍ଚାୟତ ସବୁଠାରୁ ନିମ୍ନତମ ଏକକ ଅଟେ ।
- **ସ୍ୱୟଂ ସହାୟକ ଗୋଷ୍ଠୀ :** ସ୍ୱୟଂ ସହାୟକ ଗୋଷ୍ଠୀ ସାଧାରଣତଃ ଦଶରୁ କୋଡ଼ିଏ ନାରୀ କିମ୍ବା ପୁରଷଙ୍କ ଦ୍ୱାରା ଗଠିତ ଏକ ମଧ୍ୟମ ସ୍ତରୀୟ ଗ୍ରାମୀଣ ବିତ୍ତୀୟ ପରିଷଦ ।
- **ସୂଚନା ଅଧିକାର ଆଇନ :** କର୍ତ୍ତୃପକ୍ଷ ବିଭିନ୍ନ ଉଦ୍‌ବେଗଜନକ ସାଧାରଣ ସମସ୍ୟା ଉପରେ ସୂଚନା ପ୍ରସାରଣ କରିବା ଆବଶ୍ୟକ ।

## ୧.୭ ସହାୟକ ଗ୍ରନ୍ଥସୂଚୀ


- Basant Desai, A study of Rural Economy
- Mishra & Sharma - Problem and prospects of Rural Development
- Pandey PC - Rural Development in India
- Sharma and Malhotra - Integrated Rural Development
- Raj Sekhar D, N.K.Bhat and Neil Walbster - People centred Rural Development NGO's and Decentralised Government.

# ଦ୍ୱିତୀୟ ଏକକ :

# ଗୋଷ୍ଠୀ ଆଧିରିତ ସଂସ୍ଥା : ଜଳଛାୟା କମିଟି, ଗ୍ରାମ୍ୟ ଜଙ୍ଗଲ କମିଟି,ଜଳ ବ୍ୟବହାରକାରୀ ଦଳ, ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକ ସହ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସମନ୍ୱୟ : ନିରନ୍ତର ଗ୍ରାମାଞ୍ଚଳ ବିକାଶରେ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକର ଭୂମିକା ।

## ବିଷୟ ଗଠନ


୨.୧ ଉପକ୍ରମ

୨.୨ ଗୋଷ୍ଠୀ ଆଧାରିତ ସଂସ୍ଥା

୨.୨.୧ ପରିଭାଷା

୨.୨.୨ ଗୋଷ୍ଠୀ ସଂସ୍ଥା ଉପରେ ଗାନ୍ଧିଜୀଙ୍କ ଆଭିମୁଖ୍ୟ

୨.୨.୩ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକର ବୈଶିଷ୍ଟ୍ୟ

୨.୨.୪ ଗୋଷ୍ଠୀ ସଂସ୍ଥାର ନିୟମାବଳୀ

୨.୩ ବିଭିନ୍ନ ଗୋଷ୍ଠୀ ଭିତ୍ତିକ ସଂସ୍ଥା

୨.୩.୧ ଜଳଛାୟା କମିଟି

୨.୩.୨ ଗ୍ରାମ୍ୟ ଜଙ୍ଗଲ କମିଟି

୨.୩.୩ ଜଳ ବ୍ୟବହାରକାରୀ ଦଳ

୨.୪ ଗୋଷ୍ଠୀ ଆଧାରିତ ସଂସ୍ଥା ସହ ପଞ୍ଚାୟତରାଜ ଅନୁଷ୍ଠାନ ଗୁଡ଼ିକର ଏକତ୍ରୀକରଣ

୨.୪.୧ ଗୋଷ୍ଠୀ ଆଧାରିତ ସଂସ୍ଥା ସହ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ଏକତ୍ରୀକରଣର ଆବଶ୍ୟକତା ।

୨.୪.୨ ଗୋଷ୍ଠୀ ଆଧାରିତ ସଂସ୍ଥା ସହ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଏକାଭିମୁଖୀ ସମ୍ଭବପର/ ବାଞ୍ଛନୀୟ ।

୨.୪.୪ ଓଡ଼ିଶାରେ ଗୋଷ୍ଠୀ ଆଧାରିତ ସଂସ୍ଥା ସହ ପଞ୍ଚାୟତିରାଜ ଅନୁଷ୍ଠାନର ଏକାଭିମୂଖୀତା (ଏକତ୍ରୀକରଣ)

୨.୫ ନିରନ୍ତର ଗ୍ରାମଞ୍ଚଳ ବିକାଶରେ ଗୋଷ୍ଠୀ ଆଧାରିକ ସଂସ୍ଥା ଗୁଡ଼ିକର ଭୂମିକା

୨.୫.୧ ଗୋଷ୍ଠୀ ଆଧାରିତ ସଂସ୍ଥା ଏବଂ ବିକାଶ କାର୍ଯ୍ୟକ୍ରମ

୨.୫.୨ ଗୋଷ୍ଠୀ ଆଧାରିତ ସଂସ୍ଥା ଏବଂ ଗୋଷ୍ଠୀ ସଶକ୍ତିକରଣ

୨.୫.୩ ଗୋଷ୍ଠୀ ଆଧାରିତ ସଂସ୍ଥା ଏବଂ ଗୋଷ୍ଠୀ ସମ୍ବଳ ପ୍ରସ୍ତୁତିକରଣ
୨.୫.୪ ଗୋଷ୍ଠୀ ଆଧାରିତ ସଂସ୍ଥା ଏବଂ ଲାଭପ୍ରଦ ମୂଲ୍ୟର ସୁଯୋଗ
୨.୫.୫ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକର ସୁଦୃଢ଼ୀକରଣ ପାଇଁ ରଣନୀତି
୨.୬ ସାରାଂଶ
୨.୭ ଶବ୍ଦ ବିଭବ (ଶବ୍ଦାବଳୀ)
୨.୮ ସହାୟକ ଗ୍ରନ୍ଥସୂଚୀ
୨.୯ ତୁମ ପ୍ରଗତି ପରୀକ୍ଷଣ - ସମ୍ଭାବିତ ଉତ୍ତରାବଳୀ

## ୨.୦ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ଅଧ୍ୟୟନ କରିବା ପରେ -

- ଏକ ଉତ୍ତମ ଗୋଷ୍ଠୀ ଆଧାରିତ ସଂସ୍ଥାର ବିଶେଷତ୍ୱ ତାଲିକାଭୁକ୍ତ କରିବାରେ ସକ୍ଷମ ହେବେ। ଜଳଛାୟା କମିଟିର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ବର୍ଣ୍ଣନା କରିପାରିବେ।
- ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ସହ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକର ସମନ୍ୱୟର ମହତ୍ତ୍ୱ ବର୍ଣ୍ଣନା କରିପାରିବେ।
- ଗ୍ରାମାଞ୍ଚଳ ବିକାଶର ନିରନ୍ତରତାରେ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକର ଭୂମିକା ବିଶ୍ଳେଷଣ କରିପାରିବେ।

## ୨.୧ ଉପକ୍ରମ

ଗ୍ରାମାଞ୍ଚଳ ବିକାଶ ଅନୁଷ୍ଠାନ ଏବଂ ଉଦ୍ୟୋଗୀକରଣ ବିଷୟ କ୍ରମର ଏହା ଦ୍ୱିତୀୟ ଏକକ ଅଟେ। ବିଭିନ୍ନ ଗୋଷ୍ଠୀ ଆଧାରିତ ସଂସ୍ଥା ଯଥା ଜଳଛାୟା କମିଟି, ଗ୍ରାମ୍ୟ ଜଙ୍ଗଲ କମିଟି, ପାଣି ବ୍ୟବହାରକାରୀ ଗୋଷ୍ଠୀ ଯେଉଁ ଗୁଡ଼ିକ ନିରନ୍ତର ସାମାଜିକ ପରିବର୍ତ୍ତନର ଗଣତାନ୍ତ୍ରିକ ଅସ୍ତ୍ର,ସେହି ଗୁଡ଼ିକ ସହିତ ତୁମକୁ ପରିଚିତ କରାଇବା ଏହି ଏକକର ଉଦ୍ଦେଶ୍ୟ। ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକ ସହ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସମନ୍ୱୟ ସେହି ଗୋଷ୍ଠୀ ଗୁଡ଼ିକରେ ସଂଘଟିତ ପ୍ରମୁଖ ପରିବର୍ତ୍ତନର ପ୍ରସ୍ତୁତି, ସଜ୍ଜୀକରଣ ଏବଂ ନିୟନ୍ତ୍ରଣକୁ ସୁରକ୍ଷିତ କରେ।

## ୨.୨ ଗୋଷ୍ଠୀ ଆଧାରିତ (CBOS) ସଂସ୍ଥା

### ୨.୨.୧ ପରିଭାଷା

ବ୍ୟକ୍ତି, ଗୋଷ୍ଠୀ ଏବଂ ପ୍ରତିବେଶୀ ବର୍ଗଙ୍କ ସାମାଜିକ ମଙ୍ଗଳରେ ଇପ୍ସିତ ଅଭିବୃଦ୍ଧି ଆଣିବାର ଲକ୍ଷ୍ୟରେ ଗୋଷ୍ଠୀ ସଂସ୍ଥା ଗୁଡ଼ିକ ଗୋଷ୍ଠୀ ସ୍ତରରେ ବିଭିନ୍ନ କାର୍ଯ୍ୟର ସମ୍ପାଦନ କରିଥାନ୍ତି। ଏହି ବିଷୟର ଜଣେ ପ୍ରମୁଖ ଲେଖକ **MGROSS** ତାଙ୍କ ପୁସ୍ତକ "ଗୋଷ୍ଠୀ ସଂସ୍ଥା" ୧୯୬୭) ରେ ଲେଖିଛନ୍ତି - ଗୋଷ୍ଠୀ ସଂସ୍ଥା ଏକ ପ୍ରକ୍ରିୟା ଯାହାଦ୍ୱାରା -

- ଏକ ଗୋଷ୍ଠୀ ତାର ଆବଶ୍ୟକତା ଏବଂ ଉଦ୍ଦେଶ୍ୟକୁ ଚିହ୍ନଟ କରେ।
- ସେହି ଆବଶ୍ୟକତା ଏବଂ ଉଦ୍ଦେଶ୍ୟକୁ ଶୃଙ୍ଖଳିତ ବା ଶ୍ରେଷ୍ଠତ୍ୱ ପ୍ରଦାନ କରେ।
- ସେହି ଆବଶ୍ୟକତା ଏବଂ ଉଦ୍ଦେଶ୍ୟ ହାସଲ ପାଇଁ ଆତ୍ମବିଶ୍ୱାସ ବଢ଼ାଏ।
- ଆବଶ୍ୟକତା ଏବଂ ଉଦ୍ଦେଶ୍ୟର ପରିଚାଳନା ପାଇଁ ସମ୍ବଳ (ଅନ୍ତଃ/ବାହ୍ୟ)ର ଅନୁସନ୍ଧାନ କରେ।
- ସେଗୁଡ଼ିକ ସମ୍ପର୍କରେ ପଦକ୍ଷେପ ନିଏ ଏବଂ ଗୋଷ୍ଠୀ ମଧ୍ୟରେ ସମବାୟ,ସହଯୋଗ ମନୋଭାବ ଏବଂ ଅଭ୍ୟାସର ବିକାଶ ଏବଂ ପ୍ରସାର କରେ।
- ଗୋଷ୍ଠୀ ପ୍ରସଙ୍ଗରେ ଏହା ଏକ ଉତ୍ତମ ବୁଝାମଣା ସୃଷ୍ଟିକାରୀ ଭାବେ ପରିଚିତ।

ଗୋଷ୍ଠୀ ଆଧାରିତ ସଂସ୍ଥାର ନିମ୍ନ ପ୍ରଦତ୍ତ ପରିଭାଷା ୨୦୦୨ ରେ ଆରମ୍ଭ ହେଲା ଏବଂ ୨୦୦୩ ରେ ଯୋଜନା ସଭା ଗୁଡ଼ିକ ଏବଂ ରାଷ୍ଟ୍ରୀୟ ଗୋଷ୍ଠୀ ଆଧାରିତ ସଂସ୍ଥା ନେଟୱାର୍କରେ () ସଦସ୍ୟମାନଙ୍କ ଦ୍ୱାରା () ୱାଶିଂଟନ ସାଙ୍ଗଠନିକ ସଭାରେ ୨୦୦୪ ମସିହାରେ ଗ୍ରହଣ କରାଯାଇଥିଲା।

ଗୋଷ୍ଠୀ ଆଧାରିତ ସଂସ୍ଥା () ଗୋଷ୍ଠୀରେ ବସବାସ କରୁଥିବା ଲୋକଙ୍କ ଦ୍ୱାରା ଏହାର ଅସ୍ତିତ୍ୱର ସମସ୍ତ ଉପାଦାନକୁ ନେଇ ପରିଚାଳିତ। ଏହାର ଅର୍ଥ ହେଲା -

- ଏହାର ପ୍ରଶାସନ ଏବଂ କର୍ମଚାରୀ ବହୁଳ ଭାବେ ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ପରିଚାଳିତ।
- ଏହାର ମୁଖ୍ୟ ପରିଚାଳନା କାର୍ଯ୍ୟାଳୟ ଗୋଷ୍ଠୀ ମଧ୍ୟରେ ରହେ।
- ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଅଞ୍ଚଳର ଅଗ୍ରାଧିକାର ସମସ୍ୟାର ଚିହ୍ନଟ ଏବଂ ପରିଭାଷିତ କରାଯାଏ।
- ସମସ୍ୟା ଗୁଡ଼ିକର ସମାଧାନ ଅଗ୍ରାଧିକାର ଅନୁଧ୍ୟାନ ସ୍ଥାନୀୟ ବାସିନ୍ଦାଙ୍କ ସହ ମିଶି ବିକଶିତ କରାଯାଇଥାଏ।
- କାର୍ଯ୍ୟକ୍ରମର ସ୍ୱରୂପ,ସମ୍ପାଦନ ଓ ମୂଲ୍ୟାୟନ ଉପାଦାନରେ ସ୍ଥାନୀୟ ବାସିନ୍ଦା ନେତୃତ୍ୱ ସ୍ଥାନରେ ଘନିଷ୍ଠ ଭାବେ ସଂଶ୍ଳିଷ୍ଟ ହୁଅନ୍ତି। ବିକଶିତ ରାଷ୍ଟ୍ର ଗୁଡ଼ିକରେ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକ ସ୍ଥାନୀୟ ବାସିନ୍ଦାଙ୍କ ଆବଶ୍ୟକତା ଅନୁଧ୍ୟାନ କରିବାରେ ବୃହତ ବଦାନ୍ୟ ସଂସ୍ଥା ଗୁଡ଼ିକ ଠାରୁ ଅଧିକ ପ୍ରଭାବଶାଳୀ ଅଟନ୍ତି।

## ୨.୨.୨ ଗୋଷ୍ଠୀ ସଂସ୍ଥା ଉପରେ ଗାନ୍ଧିଜୀଙ୍କ ସିଦ୍ଧାନ୍ତ

ଗାନ୍ଧିଜୀଙ୍କ ଗୋଷ୍ଠୀ ସଂସ୍ଥା ସିଦ୍ଧାନ୍ତ ଏକ ସମ୍ପୂର୍ଣ୍ଣ ଗୋଷ୍ଠୀର ବିକାଶ ଅପେକ୍ଷା ଗୋଷ୍ଠୀ ଗୁଡ଼ିକର ପୁର୍ନଗଠନ ଉପରେ ଗୁରୁତ୍ୱ ଆରୋପ କରେ। ମହାତ୍ମାଗାନ୍ଧୀଙ୍କ ଅନୁଯାୟୀ ପରସ୍ପର ସହଯୋଗ ଏବଂ ସାଧାରଣ ଅଂଶ ଗ୍ରହଣ ହେଉଛି ଗୋଷ୍ଠୀର ମୌଳିକ ଉପାଦାନ। ତାଙ୍କ ମତରେ ଗ୍ରାମ ହେଉଛି ଏକ ସୀମିତ ଭୌଗୋଳିକ ସ୍ଥିତି ସହ ଏକ ମୌଳିକ ଗୋଷ୍ଠୀ ଯେଉଁଠି ଅନେକ ପରିବାର ଏକ ସାଧାରଣ ଜୀବନ ପାଇଁ ପରସ୍ପର ସହଯୋଗ ସହ ଏକତ୍ର ବସବାସ କରିଥାନ୍ତି। ଗ୍ରାମୀଣ ଗୋଷ୍ଠୀ ପୁର୍ନଗଠନ ମାଧ୍ୟମରେ ଗାନ୍ଧିଜୀ ସର୍ବୋଦୟ ସାମାଜିକ ସେବା ସମିତିର ପୁନର୍ଗଠନର ଉଦ୍ଦେଶ୍ୟ ହାସଲ ଲକ୍ଷ୍ୟ ପରିକଳ୍ପନା କରିଥିଲେ।

## ୨.୨.୩ ଗୋଷ୍ଠୀ ଆଧାରିତ ସଂସ୍ଥା (CBOS) ଗୁଡ଼ିକର ବୈଶିଷ୍ଟ୍ୟ

ଗୋଷ୍ଠୀ ସଂସ୍ଥା ଗୁଡ଼ିକର ପ୍ରାଥମିକ ବୈଶିଷ୍ଟ୍ୟ ଗୁଡ଼ିକ ହେଲା -

- ସହଯୋଗୀ ମନୋଭାବ - ଲୋକମାନେ ଏକତ୍ରିତ ହୋଇ ଗଣତାନ୍ତ୍ରିକ ସମାହିତ ପ୍ରକ୍ରିୟା ମାଧ୍ୟମରେ କୌଣସି ସମସ୍ୟାର ଅନୁଧ୍ୟାନ କରିବେ।
- ଗୋଷ୍ଠୀ ଯୋଜନା - ନିଜର ସମସ୍ୟା ଏବଂ ଆବଶ୍ୟକତାର କାରବାର ପାଇଁ ଯୋଜନାବଦ୍ଧ ସାମୁହିକ କ୍ରିୟାରେ ଲୋକମାନଙ୍କୁ ସଂଶ୍ଳିଷ୍ଟ କରାଯିବ।
- ଗୋଷ୍ଠୀର ପଦକ୍ଷେପ ଏବଂ ସଜ୍ଜୀକରଣ - ଲୋକମାନେ ନିଜର ଏବଂ ଅନ୍ୟର ସହାୟତା ପାଇଁ କୌଶଳ ଶିଖନ୍ତି ଯାଷା ଫଳରେ ଗୋଷ୍ଠୀ ଗଠନର ମାର୍ଗ ଉନ୍ମୋଚିତ ହୁଏ।
- ଗୋଷ୍ଠୀ ପରିବର୍ତ୍ତନର ପ୍ରୋତ୍ସାହନ - ଲୋକଙ୍କ ସାମୂହିକ ଶକ୍ତି, ଉତ୍ତମ ଦଳଗତ କାର୍ଯ୍ୟ ଏବଂ ବୈଜ୍ଞାନିକ ପଦ୍ଧତିର ଅନୁସରଣ ଦ୍ୱାରା ଗୋଷ୍ଠୀରେ ବ୍ୟାପକ ବିକାଶ ହାସଲ ହୁଏ।
- ବୃହତ୍ତର ବ୍ୟବସ୍ଥା ମଧ୍ୟରେ ପ୍ରଭାବ - ଲୋକମାନେ ଉଦ୍ଦୀପିତ ଏବଂ ଉତ୍ସାହିତ ହୋଇ ଗ୍ରହଣୀୟ ପରିବର୍ତ୍ତନକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ଅଭ୍ୟାସରେ ପକାଇଥାନ୍ତି।

## ୨.୨.୪ ଗୋଷ୍ଠୀ ସଂସ୍ଥାର ନିୟମାବଳୀ

ଗୋଷ୍ଠୀ ସଂସ୍ଥାର ନିୟମାବଳୀ ସୁସ୍ଥ ଅଭ୍ୟାସର ନିୟାମକ, ଯାହା ପ୍ରତ୍ୟେକ ମଣିଷର ମର୍ଯ୍ୟାଦା, ସ୍ୱାଧୀନତା, ସୁରକ୍ଷା, ଅଂଶଗ୍ରହଣ ଏବଂ ସାମୁହିକ ଜୀବନ ସୁନିଶ୍ଚିତ କରାଏ। ଭାରତରେ ୧୯୯୭ ରେ ସିଦ୍ଦିକ୍ ବର୍ତ୍ତମାନ ପ୍ରଚଳିତ ପ୍ରମାଣ ଭିତ୍ତିକ ଭାରତୀୟ ଗୋଷ୍ଠୀ ସଂସ୍ଥାର ଆଧାରରେ କେତେକ ନିୟମାବଳୀ ପ୍ରସ୍ତୁତ କରିଛନ୍ତି।

୧) ନିର୍ଦ୍ଦିଷ୍ଟ ନିୟମ

୨) ଯୋଜନାର ନିୟମ

୩) ସକ୍ରିୟ ଲୋକଙ୍କ ଅଂଶଗ୍ରହଣ ନିୟମ

୪) ବିବିଧ ଗୋଷ୍ଠୀ ସହଯୋଗ ଦୃଷ୍ଟିକୋଣ ନିୟମ

୫) ଗଣତାନ୍ତ୍ରିକ କାର୍ଯ୍ୟାବଳୀ ନିୟମ

୬) ନମନୀୟ ସଂସ୍ଥା ନିୟମ

୭) ଉପଲବ୍ଧ ସମ୍ବଳର ସର୍ବାଧିକ ବିନିଯୋଗ ନିୟମ

୮) ସାଂସ୍କୃତିକ ଶିକ୍ଷଣ ନିୟମ।

କେତେକ ଗୋଷ୍ଠୀ ଆଧାରିତ ସଂସ୍ଥା ବା ଲୋକ ସଂସ୍ଥା ହେଉଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବଗୋଷ୍ଠୀ, ଜଳଛାୟା କମିଟି, ଗ୍ରାମ୍ୟ ଜଙ୍ଗଲ କମିଟି, ଜଳ ବ୍ୟବହାରକାରୀ ଗୋଷ୍ଠୀ।

## ୨.୩ ବିବିଧ ଗୋଷ୍ଠୀ ଆଧାରିତ ସଂସ୍ଥା

### ୨.୩.୧ ଜଳଛାୟା କମିଟି

ଭାରତରେ ୨୦୦ ମିଲିୟନରୁ ଅଧିକ ଗ୍ରାମାଞ୍ଚଳ ଲୋକ ବର୍ଷାଜଳ ଉପରେ ନିର୍ଭରଶୀଳ କୃଷି ଅଞ୍ଚଳରେ ବସବାସ କରନ୍ତି। ବର୍ଷା ଜଳ ଆଶ୍ରିତ ଅଞ୍ଚଳ ଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ କଲେ ଦାରିଦ୍ର୍ୟର ରୁକ୍ଷ ଛବି, ଜଳାଭାବ, ଭୂମିତଳ ଜଳ ସ୍ତରର ଦ୍ରୁତ ହ୍ରାସ ଏବଂ ଦୁର୍ବଳ ଜୈବ ସମାଜ ଥିବା ଜଣାପଡ଼େ। ବାୟୁ ଏବଂ ଜଳ ଦ୍ୱାରା ମୃତ୍ତିକା ଅବକ୍ଷୟ ହେତୁ ଜମିର ଅବମୂଲ୍ୟାୟନ, ବର୍ଷା ଜଳର ନିମ୍ନ ବ୍ୟବହାର ଦକ୍ଷତା, ଉଚ୍ଚ ଜନସଂଖ୍ୟାର ଚାପ, ଗୋଖାଦ୍ୟର ଘୋର ଅଭାବ, ଦୁର୍ବଳ ପଶୁଧନ ଉତ୍ପାଦକତା, ଜଳ ବ୍ୟବହାର ଦକ୍ଷତାରେ ନିମ୍ନ ନିବେଶ, ନିମ୍ନ ବୈଷୟିକ କୌଶଳ, ନିଶ୍ଚିତ ଓ ଆଶ୍ୱସ୍ତ ପାରିଶ୍ରମିକ ବିପଣନ ସୁଯୋଗର ଅଭାବ ଏବଂ ଦୁର୍ବଳ ଭିତ୍ତିଭୂମି, ନୀତି ସମ୍ପାଦନ ପାଇଁ ମୁଖ୍ୟ ଚିନ୍ତାର କାରଣ ହୋଇଥାଏ। ଅତଏବ ବର୍ଷା ଜଳ ଆଶ୍ରିତ ଅଞ୍ଚଳର ଲୋକଙ୍କ ଜୀବିକା ନିର୍ବାହ ପନ୍ଥାର ଉନ୍ନତି ପାଇଁ ଅଂଶଗ୍ରହଣକାରୀ ଜଳଛାୟା ବିକାଶ ଦ୍ୱାରା ସମନ୍ୱିତ କୃଷି ବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ନିରନ୍ତର ପଦ୍ଧତିରେ ଲୋକଙ୍କ ଆୟ, ଉତ୍ପାଦକତା ଏବଂ ଜୀବିକାର ସୁରକ୍ଷା ଅଭିବୃଦ୍ଧି କରିବା ଏକ ବଡ଼ ଆହ୍ୱାନ। ଏହାକୁ ଧ୍ୟାନରେ ରଖି ଏହି ଅଞ୍ଚଳ ଗୁଡ଼ିକୁ ସ୍ୱତନ୍ତ୍ର ଶକ୍ତି ଦେବାପାଇଁ ୨୦୦୬ ନଭେମ୍ବରରେ ରାଷ୍ଟ୍ରୀୟ ବର୍ଷାଶ୍ରିତ ଅଞ୍ଚଳ କର୍ତ୍ତୃପକ୍ଷ (NRAA) ଗଠନ କରାଯାଇଛି। ବିବିଧ ବର୍ଷାଶ୍ରିତ ଅବସ୍ଥାର ଏକ ନିକଟ ବିଶ୍ଳେଷଣ ଦ୍ୱାରା ଉନ୍ମୋଚିତ ହେବ ଯେ, ବର୍ଷାଶ୍ରିତ ଅଞ୍ଚଳ ଗୁଡ଼ିକର ଆଶ୍ୱସ୍ତ ବିକାଶ ପାଇଁ ମାଟି ଓ ପାଣିର ସଂରକ୍ଷଣ, ଜଳଛାୟା ବିକାଶ ଏବଂ ଦକ୍ଷ ଫଳପ୍ରଦ ଜଳ ପରିଚାଳନା ମୁଖ୍ୟ ଅଟେ। ବର୍ଷାଶ୍ରିତ ଅଞ୍ଚଳର ବିକାଶ ନିମନ୍ତେ ସାମାଜିକ ସମ୍ପଦର ଏକତ୍ରିକରଣ ଦ୍ୱାରା ମାଟି,ପାଣି,ଉଦ୍ଭିଦ ଜଗତ ଭଳି ପ୍ରାକୃତିକ ସମ୍ବଳ ସଂରକ୍ଷଣ ପାଇଁ ଜଳଛାୟା ପଦ୍ଧତିକୁ ମୁଖ୍ୟ ବିଷୟ ଭାବେ ଗ୍ରହଣ କରାଯାଇଛି।

#### ୨.୩.୧.୧ ଜଳଛାୟା ଅଞ୍ଚଳ

ଏକ ଜଳଛାୟାକୁ ସ୍ୱାଧୀନ ଭୂଜଳ ବିଜ୍ଞାନ ଏକକ ଭାବେ ପରିଭାଷିତ କରାଯାଇପାରେ ଯାହା ଏକ ସାଧାରଣ ସ୍ଥାନକୁ ନିର୍ଗମନ ହୋଇଥାଏ। ଏହା ସମସ୍ତ ଅଧଃପତିତ ଜଳ ଯାହାର ସଂଗ୍ରହ,ସଞ୍ଚଳନ ଏବଂ ଚଳନ୍ତି ପାଣିର ଫଳପ୍ରଦ ବ୍ୟବହାର ଏବଂ ନିଃସରିତ ଭୂମିତଳ ଜଳ, ଝରଣା, ସନ୍ତସନ୍ତିଆ ଭୂମି, ପୁଷ୍କରିଣୀ, ହ୍ରଦରୁ ନିଃସରିତ ଜଳର ବ୍ୟବହାରର ସଠିକ୍ ପରିଚାଳନା ନିୟମ ଉପରେ ଆଧାରିତ। ଏକ ଜଳଛାୟା କେତେକ ହେକ୍ଟର ଠାରୁ ହଜାର ହଜାର ହେକ୍ଟର ପର୍ଯ୍ୟନ୍ତ ହୋଇପାରେ। ଜଳଛାୟା ବିକାଶ ପ୍ରକଳ୍ପରେ ପ୍ରତ୍ୟେକ ଜଳଛାୟା ବିକାଶର ଏକକ ୫୦୦ ହେକ୍ଟର ହେବ। ଯାହାହେଉ, ପ୍ରକଳ୍ପର ବାସ୍ତବ କ୍ଷେତ୍ରୀୟ ପରିମାଣ ଗ୍ରାମର ଆକାର ଏବଂ ଭୌଗୋଳିକ ଅବସ୍ଥିତି ଇତ୍ୟାଦିକୁ ଆଖି ଆଗରେ ରଖି ନିରୂପଣ କରାଯାଇପାରେ। ଏହା ଭୂଭାଗରେ ଜମି ରହିଥିବା ଏକ ଜଳ ଗ୍ରହ, ଯାହା ଜଳର ସାମୟିକ ନିୟନ୍ତ୍ରଣ କ୍ଷେତ୍ର ଏବଂ ଏକ ତ୍ରିକୋଣ ଅଞ୍ଚଳ (ନିଃସରଣ କ୍ଷେତ୍ର)କୁ ନେଇ ଗଠିତ। ଜଳଛାୟା ବିକାଶ କାର୍ଯ୍ୟକ୍ରମରେ ଗୋଟିଏ ଜଳଛାୟା ପ୍ରକଳ୍ପ ପାଞ୍ଚବର୍ଷ ପାଇଁ ହାତକୁ ନେବାକୁ ହୁଏ ଯାହା ନଅ ଠାରୁ ୧୨ ମାସ ପର୍ଯ୍ୟନ୍ତ ପ୍ରାରମ୍ଭିକ ସ୍ତରର ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ଏବଂ ଆବଶ୍ୟକୀୟ ଆନୁଷ୍ଠାନିକ କୌଶଳ ପ୍ରତିଷ୍ଠାର ଅନ୍ତର୍ଭୁକ୍ତ।

## ୨.୩.୧.୨ ଜଳଛାୟା କମିଟି ଗୁଡ଼ିକର ଉଦ୍ଦେଶ୍ୟ

ଜଳଛାୟା କମିଟି ଗୁଡ଼ିକର ବ୍ୟାପକ ଉଦ୍ଦେଶ୍ୟ ଥିଲା କାର୍ଯ୍ୟକ୍ରମ ଅଞ୍ଚଳରେ ବସବାସ କରୁଥିବା ଗରିବ ଲୋକଙ୍କ ସର୍ବାଙ୍ଗୀନ ଅର୍ଥନୈତିକ ବିକାଶ କରିବା ଏବଂ ଅର୍ଥନୈତିକ ଏବଂ ସାମାଜିକ ଅବସ୍ଥାର ଅଭିବୃଦ୍ଧି ଘଟାଇବା ! ସେଇଠି ଜଳଛାୟା ପରିଚାଳନା କ୍ରିୟା ଏକ ଆଦର୍ଶ ବ୍ୟବସ୍ଥା,ଯେଉଁଠି କୃଷି ଉତ୍ପାଦନର ଅଭିବୃଦ୍ଧି ପାଇଁ ବୃହତ୍ ଏବଂ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାର ସମର୍ଥନ ନଥାଏ ଏବଂ ବୃଷ୍ଟିପାତ ପରିମାଣ ନିଅଣ୍ଟିଆ ଓ ଅନିୟମିତ ବୃଷ୍ଟିପାତ ହୁଏ। ଏକ ଭୌଗୋଳିକ କ୍ଷେତ୍ରରେ ମାଟି,ଜଳ ଓ ଉଦ୍ଭିଦ ଜଗତର ସମନ୍ୱିତ ପରିଚାଳନା ପାଇଁ ଜଳଛାୟାକୁ ଏକ ଆଦର୍ଶ ଏକକ ଭାବେ ବିବେଚନା କରାଯାଏ, ଯେହେତୁ ସବୁଜ ବିପ୍ଳବର ସୁବିଧା ଦେଶର ଆଂଶିକ ମରୁଡ଼ିଗ୍ରସ୍ତ ଉଷ୍ଣ ମଣ୍ଡଳୀୟ କ୍ଷେତ୍ରଦ୍ୱାରା ଉପଭୋଗ କରାଯାଇ ପାରିନାହିଁ। ଜଳଛାୟା ବିକାଶ ପ୍ରକଳ୍ପ ନିମ୍ନ ବୈଶିଷ୍ଟ୍ୟ ଗୁଡ଼ିକ ସହ ପ୍ରଚଳନ କରାଯାଇଛି।

- ଜଳଛାୟା ଆଧାରରେ ବିକଶିତ ନିଷ୍ଫଳ ଜମି, ମରୁଡ଼ି ପ୍ରବଣ ଏବଂ ମରୁ ଅଞ୍ଚଳ, ଜମିର ସାମର୍ଥ୍ୟ ସ୍ଥାନର ଅବସ୍ଥା, ସ୍ଥାନୀୟ ଆବଶ୍ୟକତା ଗୁଡ଼ିକ ଦେଖି ନିର୍ଣ୍ଣୟ କରିବା।
- ମୃତ୍ତିକା କ୍ଷୟ ନିବାରଣ/ପ୍ରତିରୋଧ
- କାର୍ଯ୍ୟକ୍ରମ ଅଞ୍ଚଳରେ ବସବାସ କରୁଥିବା ଅବହେଳିତ ଗୋଷ୍ଠୀ ଏବଂ ଦୁସ୍ଥ ସମ୍ବଳର ସର୍ବାଙ୍ଗୀନ, ଅର୍ଥନୈତିକ ବିକାଶ ଏବଂ ସାମାଜିକ ଓ ଆର୍ଥିକ ଉନ୍ନତିକୁ ପ୍ରୋତ୍ସାହନ ଦେବ।
- ଶସ୍ୟ ମରୁଡ଼ି, ପ୍ରାଣୀ ଏବଂ ପଶୁଧନ, ଜନସଂଖ୍ୟାର ପୂର୍ଣ୍ଣାଙ୍ଗ ଉନ୍ନତି ପାଇଁ ତୀବ୍ର ଜଳବାୟୁ ସମ୍ବନ୍ଧୀୟ ଅବସ୍ଥାର ପ୍ରତିକୂଳ କ୍ଷତିକାରୀ ପ୍ରଭାବର ପ୍ରଶମନ କରିବା।
- ନିୟନ୍ତ୍ରଣ, ସଂରକ୍ଷଣ, ପ୍ରାକୃତିକ ସମ୍ବଳ ଯଥା ମାଟି, ଜଳ, ଉଦ୍ଭିଦ ଜଗତର ବିକାଶ ଦ୍ୱାରା ଜୈବ ସନ୍ତୁଳନର ପୁର୍ନସ୍ଥାପନ କରିବା।
- ସ୍ଥାୟୀ ଭାବେ ଜଳ ପ୍ରାପ୍ତିରେ ଉନ୍ନତି, ଖାଦ୍ୟ, ଗୋଖାଦ୍ୟ, ଇନ୍ଧନ ଏବଂ ତନ୍ତୁଜାତୀୟ ଖାଦ୍ୟ ବୃଦ୍ଧି କରିବା - ସୃଷ୍ଟ ସମ୍ପଦର କାର୍ଯ୍ୟଶୀଳ ଏବଂ ପ୍ରତିପାଳନ କରିବା ପାଇଁ ଏବଂ ଜଳଛାୟାର ଅନ୍ତର୍ନିହିତ ପ୍ରାକୃତିକ ସମ୍ବଳର ପୁନଃ ବିକାଶ ଓ ସ୍ଥାୟୀ ପଦକ୍ଷେପ ନେବାପାଇଁ ଗ୍ରାମୀଣ ଗୋଷ୍ଠୀକୁ ପ୍ରୋତ୍ସାହିତ କରିବା।
- ସରଳ,ସହଜ ଏବଂ ବ୍ୟୟସାପେକ୍ଷ ବୈଷୟିକ ଉପାୟ ଏବଂ ଆନୁଷ୍ଠାନିକ ବନ୍ଦୋବସ୍ତ ଯାହା ସ୍ଥାନୀୟ ବୈଷୟିକ ଜ୍ଞାନର ଉପଯୋଗ ଗଠନ ଏବଂ ସ୍ଥାନୀୟ ପଦାର୍ଥର ଉପଲବ୍ଧ କରିବ।
- ନିଯୁକ୍ତି ସୃଷ୍ଟି, ଦାରିଦ୍ର୍ୟ ଦୂରୀକରଣ, ଗୋଷ୍ଠୀ ସଶକ୍ତିକରଣ ଏବଂ ଜନତା ଓ ଗ୍ରାମୀଣ ଅର୍ଥନୈତିକ ସମ୍ବଳର ବିକାଶ କରିବା।

## ୨.୩.୧.୩ ଜଳଛାୟା ପରିଚାଳନାର ଉପାଦାନ

- ଜଳଛାୟା ପରିଚାଳନାର ଗୁରୁତ୍ୱ ପୂର୍ଣ୍ଣ ଉପାଦାନ ଗୁଡ଼ିକ ହେଲା
- ଜଳ ପରିଚାଳନା

- ଶସ୍ୟ ପରିଚାଳନା
- ବନୀକରଣ
- ଗୋଚାରଣ ଭୂମି ଓ ଗୋଖାଦ୍ୟ ବିକାଶ
- ପଶୁଧନ ପରିଚାଳନା
- ଗ୍ରାମାଞ୍ଚଳ ଶକ୍ତି ପରିଚାଳନା
- ଅନ୍ୟ କୃଷି ଏବଂ ଅଣକୃଷି କାର୍ଯ୍ୟକଳାପ
- ଗୋଷ୍ଠୀ ଦକ୍ଷତା ଓ ସମ୍ବଳର ବିକାଶ

## ୨.୩.୧.୪ ଜଳଛାୟା ପରିଚାଳନାର ନିୟମ

ଜଳଛାୟା ପରିଚାଳନାର ମୁଖ୍ୟ ନିୟମ ଗୁଡ଼ିକ ହେଲା - ପ୍ରୟୋଗ ଯୋଗ୍ୟ ବା ଉପଯୁକ୍ତ ଜମିର ବିନିଯୋଗ

- ମାଟିର ଉର୍ବରତା ରକ୍ଷା କରିବା
- ଜଳାଶୟ, ପୋଖରୀ ଏବଂ ନିମ୍ନ ଉର୍ବର ଜମିରେ ଅନାବଶ୍ୟକ ଜଳ କ୍ଷରଣ ହ୍ରାସ କରିବା
- ବର୍ଷ ତମାମ୍ ପରିବା କୃଷିର ରକ୍ଷା କରିବା
- ବର୍ଷା ଜଳର ଅବସ୍ଥିତି ସଂରକ୍ଷଣ କରିବା
- ଭୂପୃଷ୍ଠ ଜଳ ନିଷ୍କାସନ ପାଇଁ ସୁରକ୍ଷିତ ବିକଳ୍ପ ମାର୍ଗ ଓ ନାଳ ଖୋଦନ ଏବଂ ପ୍ରତିରୋଧି ବନ୍ଧ ନିର୍ମାଣ କରିବା।
- ଅନ୍ତଃ ଏବଂ ଅନୁକ୍ରମ ଫସଲ ମାଧ୍ୟମରେ ଫସଲର ଘନତ୍ୱ ବୃଦ୍ଧି କରିବ
- ପରିପୂରକ ଜଳସେଚନ ପାଇଁ ଜଳ ଅମଳ
- କୃଷି ସମ୍ବନ୍ଧୀୟ କାର୍ଯ୍ୟାବଳୀ ଦ୍ୱାରା କୃଷି ଆୟର ସର୍ବୋଚ୍ଚକରଣ
- ଭିତ୍ତିଭୂମି ସୁବିଧା ସୁଯୋଗର ଉନ୍ନତି।
- କୃଷକଙ୍କ ସାମାଜିକ ଏବଂ ଅର୍ଥନୈତିକ ସ୍ଥିତିର ଉନ୍ନତି

## ୨.୩.୧.୫ ଜଳଛାୟା ପରିଚାଳନା ଅନ୍ତର୍ଗତ କାର୍ଯ୍ୟକ୍ରମ ସମୂହ

ବିଭିନ୍ନ ସମୟରେ ଏହି ବିଚାରଧାରାର ବିନ୍ୟାସ ପାଇଁ ଭାରତ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଜଳଛାୟା ବିକାଶ ପ୍ରକଳ୍ପ ଗୁଡ଼ିକ ହେଲା -

- ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (DPAD ) ୧୯୭୩ ମସିହାରେ ଆରମ୍ଭ ହୋଇଥିଲା।
- ମରୁଭୂମି ବିକାଶ କାର୍ଯ୍ୟକ୍ରମ (DDP) ୧୯୭୭ ରେ ଆରମ୍ଭ ହୋଇଥିଲା।
- ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ ଓ ମରୁଭୂମି ବିକାଶ କାର୍ଯ୍ୟକ୍ରମ ୧୯୮୭ ମସିହାରେ ଜଳଛାୟା ପଦ୍ଧତିକୁ ଗ୍ରହଣ କରିଥିଲେ।

- ସମନ୍ୱିତ ପତିତ (ପଡ଼ିଆ) ଜମି ବିକାଶ କାର୍ଯ୍ୟକ୍ରମ (IWDP) ୧୯୮୯ ରାଷ୍ଟ୍ରୀୟ ପତିତ ଜମି ବିକାଶ ବୋର୍ଡ଼ (NWDB) ସହାୟତାରେ ଆରମ୍ଭ ହୋଇଥିଲା ।
- ଜାତୀୟ ଜଳଛାୟା ବିକାଶ ପ୍ରକଳ୍ପ ବର୍ଷାଶ୍ରିତ ଅଞ୍ଚଳରେ ଓ ଜଳଛାୟା ବିକାଶ ଚାଷ ବଦଳ ଅଞ୍ଚଳ କୃଷି ମନ୍ତ୍ରଣାଳୟ

## ୨.୩.୧.୬ କାର୍ଯ୍ୟକାରୀ (କାର୍ଯ୍ୟ ସମ୍ପାଦନ)

ଜଳଛାୟା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପାଇଁ ରାଷ୍ଟ୍ରୀୟ, ରାଜ୍ୟ, ଜିଲ୍ଲା ସ୍ତରରେ, ଆନୁଷ୍ଠାନିକ ବନ୍ଦୋବସ୍ତ କରାଯାଇଛି ।

ରାଷ୍ଟ୍ରୀୟ ସ୍ତରର ନୋଡ଼ାଲ୍ : ସଂସ୍ଥା ଯଦିଓ ପ୍ରତ୍ୟେକ ମନ୍ତ୍ରଣାଳୟ ଜଳଛାୟା ବିକାଶ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ ପାଇଁ ନିଜସ୍ୱ କୌଶଳ ସ୍ଥାପନ କରିବାରେ ମୁକ୍ତ । ତଥାପି ଜଳଛାୟା ବିକାଶ ପ୍ରକଳ୍ପ ପରିଚାଳନା ଏବଂ କାର୍ଯ୍ୟକାରୀ ପାଇଁ କେନ୍ଦ୍ରୀୟ ସ୍ତରର ଗୋଟିଏ ବିଭାଗରେ ନୋଡ଼ାଲ୍ ଏଜେନ୍ସି ସ୍ଥାପନ କରାଯାଇପାରେ ।

**ରାଜ୍ୟ ସ୍ତରୀୟ ନୋଡ଼ାଲ୍ ଏଜେନ୍ସି :** ବିଭିନ୍ନ ସରକାରୀ ବିଭାଗ ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ମଧ୍ୟରେ ସୁନିଶ୍ଚିତ ସମନ୍ୱୟ ପାଇଁ ସମର୍ପିତ ଏବଂ ଉତ୍ସର୍ଗୀକୃତ ରାଜ୍ୟ ସ୍ତରୀୟ ନୋଡ଼ାଲ୍ ଏଜେନ୍ସି (SLNA) ସ୍ଥାପନ ହେବା ଆବଶ୍ୟକ । ରାଜ୍ୟସ୍ତରୀୟ ନୋଡ଼ାଲ୍ ଏଜେନ୍ସି (SLNA) ବିଭାଗୀୟ ନୋଡ଼ାଲ୍ ଏଜେନ୍ସି ସହ ଏହାର କାର୍ଯ୍ୟକାରିତା, ସମୟ ସୀମା, ଆର୍ଥିକ ମାନଦଣ୍ଡ ଏବଂ ରାଜ୍ୟ ସ୍ତରୀୟ ନୋଡ଼ାଲ୍ ଏଜେନ୍ସିକୁ ଆସିବା ପାଣ୍ଠିର ଅବସ୍ଥା ସମ୍ପର୍କରେ ପରସ୍ପର ପ୍ରତ୍ୟାଶା ସମ୍ବଳିତ ଚୁକ୍ତିପତ୍ର ସ୍ୱାକ୍ଷର କରିବା ଆବଶ୍ୟକ । ରାଜ୍ୟସ୍ତରୀୟ ନୋଡ଼ାଲ୍ ଏଜେନ୍ସି କାର୍ଯ୍ୟକ୍ରମର ସମୀକ୍ଷା ଏବଂ ରାଜ୍ୟ ତଥ୍ୟ ଶାଳା ଗଠନ ପାଇଁ ଆବଶ୍ୟକୀୟ ବୈଷୟିକ କୌଶଳ ପ୍ରଦାନ ଏବଂ କେନ୍ଦ୍ର ସରକାରଙ୍କୁ ନିୟମିତ ବିବରଣୀ ପ୍ରଦାନ ସୁନିଶ୍ଚିତ କରିବା ଆବଶ୍ୟକ ।

**ଜିଲ୍ଲା ସ୍ତରୀୟ ଜଳଛାୟା ପ୍ରକୋଷ୍ଠ** : ଜିଲ୍ଲା ସ୍ତରରେ ଜଳଛାୟା ପ୍ରକୋଷ୍ଠ ତଥା କେନ୍ଦ୍ର ନାମରେ ଏକ ଅଲଗା ପ୍ରକୋଷ୍ଠ ସ୍ଥାପନ କରାଯିବ ଯାହା ପ୍ରତ୍ୟେକ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜଳଛାୟା କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିବ । କାର୍ଯ୍ୟକ୍ରମ ଚାଲୁଥିବା ସମସ୍ତ ଜିଲ୍ଲାର, ଜିଲ୍ଲା ଗ୍ରାମାଞ୍ଚଳ ବିକାଶ ସଂସ୍ଥା/ ଜିଲ୍ଲା ପରିଷଦ/ ଜିଲ୍ଲା ସ୍ତରୀୟ କାର୍ଯ୍ୟକାରୀ ସଂସ୍ଥାରେ ରାଜ୍ୟସରକାର ନିଜ ସୁବିଧା ଅନୁସାରେ ପ୍ରତିଷ୍ଠା କରିବେ ଏବଂ ଜିଲ୍ଲା ଗୁଡ଼ିକରେ ୨୫,୦୦୦ ହେକ୍ଟରରୁ ଅଧିକ ଅଞ୍ଚଳରେ ବହୁ ସଂଖ୍ୟକ ଜଳଛାୟା କାର୍ଯ୍ୟକାରୀ କରି ପେଶାଦାର ସହାୟତା ସହ ଏହାକୁ ସୁଦୃଢ଼ କରିବେ । ଜଳଛାୟା ପ୍ରକୋଷ୍ଠ ତଥା ତଥ୍ୟ କେନ୍ଦ୍ର (WCDC) ଜିଲ୍ଲା ଯୋଜନା କମିଟି ସହ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବ । ପ୍ରକଳ୍ପ ସମ୍ପାଦନା ସଂସ୍ଥା (PIA) ଦ୍ୱାରା ଗଠିତ ଜଳଛାୟା ବିକାଶ ଗୋଷ୍ଠୀ (WDT) କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ଜଳଛାୟା କମିଟିକୁ (WDT) ମାର୍ଗଦର୍ଶନ କରିବ । ଜଳଛାୟା ବିକାଶ ଦଳ (WDT) ସହାୟତାରେ ଜଳଛାୟା କମିଟି ଜଳଛାୟା ଅଞ୍ଚଳର ଅତି ଗରିବ, କ୍ଷୁଦ୍ର ଏବଂ ମଧ୍ୟମ ଚାଷୀ, ଜମିହୀନ, ସମ୍ପତ୍ତି ହୀନ ଗରିବ କୃଷି ଶ୍ରମଜୀବୀ, ନାରୀ, ପଶୁ ଜଗୁଆଳି ଏବଂ ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିବେ । ବ୍ଲକ ସ୍ତରୀୟ ଜଳଛାୟା ବିକାଶ ପ୍ରକଳ୍ପ ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ ମରୁଭୂମି ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଜଳଛାୟା ବିକାଶ ପ୍ରକଳ୍ପ ବ୍ଲକ ସ୍ତରରେ କାର୍ଯ୍ୟକାରୀ କରାଯିବ ।

**ବ୍ଲକ୍ ସ୍ତରୀୟ ଜଳଛାୟା ବିକାଶ ପ୍ରକଳ୍ପ :** ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ ମରୁ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ କାର୍ଯ୍ୟକ୍ରମ ବ୍ୟତୀତ ସମନ୍ୱିତ ଜଳଭୂମି ବିକାଶ କାର୍ଯ୍ୟକ୍ରରେ ବିଜ୍ଞାପିତ ପ୍ରକଳ୍ପ ଗୁଡ଼ିକ ସାଧାରଣତଃ ବ୍ଲକ ସ୍ତରରେ କାର୍ଯ୍ୟକାରୀ ହେବ। ତତ୍ ସଙ୍ଗେ ସଙ୍ଗେ ବ୍ଲକ ସ୍ତରରେ ଆନ୍ତର୍ଜାତୀୟ ସହଯୋଗ ଯୋଜନା ଅନ୍ତର୍ଗତ କ୍ରିୟାଶୀଳ ସମଭାବାପନ୍ନ ପ୍ରକଳ୍ପ ଆନ୍ତର୍ଜାତୀୟ ବଦାନ୍ୟ ସଂସ୍ଥା ଗୁଡ଼ିକ ଦ୍ୱାରା ପରିଚାଳିତ ଜୀବିକାର ସ୍ଥାୟୀତ୍ୱ ଜଳଛାୟା ବିକାଶ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ ହେବ।

ଜଳଛାୟା ଅଞ୍ଚଳରେ ଥିବା ଉତ୍ପାଦନକ୍ଷମ ଏବଂ ଅଣ ଉତ୍ପାଦନକ୍ଷମ ଜମି ଗୁଡ଼ିକର ଜଳ ନିଷ୍କାସିତ ମାର୍ଗ ଗୁଡ଼ିକର ମରାମତି ଓ ବିକାଶ ସମ୍ପର୍କିତ ଜଳଛାୟା କମିଟି ନିର୍ଦ୍ଧାରିତ କାର୍ଯ୍ୟାବଳୀ, ଗୋଷ୍ଠୀ ଏବଂ ବ୍ୟବହାରକାରୀ ଦଳଙ୍କ କ୍ରିୟାଶୀଳ ସହଯୋଗ ଏବଂ ଅବଦାନରେ ସମାପ୍ତ କରିବାକୁ ହେବ। ଉପଲବ୍ଧ ଜଳର ଯଥାଯଥ ଉପଯୋଗ, ଫସଲର ଘନତ୍ୱ ଏବଂ କୃଷି ଉତ୍ପାଦକତା ବୃଦ୍ଧି, ପ୍ରକଳ୍ପ ଅଞ୍ଚଳର କୃଷକ ଏବଂ ଜମିହୀନ ଶ୍ରମଜୀବୀଙ୍କ ଆୟ ବୃଦ୍ଧି, ଜଳଛାୟାର ହସ୍ତକ୍ଷେପ ଦ୍ୱାରା ପରିବର୍ଦ୍ଧିତ ଭୂମିଜଳ ସାରଣୀ ବୃଦ୍ଧି ପାଇଁ ଜଳଛାୟା କମିଟି ସାହାଯ୍ୟ କରିଥାଏ।

## ୨.୩.୨ ଗ୍ରାମୀଣ ଜଙ୍ଗଲ କମିଟି ସମୂହ

ଗ୍ରାମାଞ୍ଚଳର ଗରିବ ଲୋକମାନେ ପ୍ରାକୃତିକ ସମ୍ବଳ ଉପରେ ଅଧିକ ନିର୍ଭରଶୀଳ ଅଟନ୍ତି। ସେମାନେ ଜଙ୍ଗଲରୁ ଅଧିକ ଆୟ ଓ ଲାଭ ପାଇଥାନ୍ତି। ଗୋଷ୍ଠୀ ଆଧାରିତ ସମ୍ବଳ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ। କାରଣ ସାଧାରଣ ସମ୍ପତ୍ତି ସମ୍ବଳ ବ୍ୟବହାରକାରୀ, ସମ୍ବଳ ପରିଚାଳନାରୁ ସୁନିଶ୍ଚିତ ନ୍ୟାୟ ସଙ୍ଗତ ଆୟ ପାଇଁ କ୍ଷେତ୍ରୀୟ ଅନୁଷ୍ଠାନ ଗୁଡ଼ିକୁ ସୃଷ୍ଟି ଏବଂ ଉତ୍ସାହିତ କରିପାରନ୍ତି।

## ୨.୩.୨.୧ ଯୁଗ୍ମ ଜଙ୍ଗଲ ପରିଚାଳନା (JFM)

ଜଙ୍ଗଲ ପରିଚାଳନାର ସ୍ଥାୟୀତ୍ୱ ଏବଂ ଲାଭରେ ଭାଗୀଦାର ନିମନ୍ତେ ଗୋଷ୍ଠୀ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ, ଜଙ୍ଗଲ ନିର୍ଭରଶୀଳ ଗ୍ରାମ୍ୟ ଗୋଷ୍ଠୀ ଏବଂ ସରକାରଙ୍କ ମଧ୍ୟରେ ଭାଗୀଦାର ପରିଚାଳନା ସ୍ଥାପନ କରିବାକୁ ଚାହେଁ। ୧୯୮୮ରେ ରାଷ୍ଟ୍ରୀୟ ଜଙ୍ଗଲ ଆଇନ ଜଙ୍ଗଲର ସୁରକ୍ଷା,ସଂରକ୍ଷଣ ଏବଂ ପରିଚାଳନା ପାଇଁ ଲୋକଙ୍କ କ୍ରିୟାଶୀଳ ଅଂଶ ଗ୍ରହଣ ଲକ୍ଷ୍ୟର ଅପେକ୍ଷା ରଖେ। ୧୯୯୦ ମସିହାରେ ଆରମ୍ଭ ହୋଇଥିବା ଯୁଗ୍ମ ଜଙ୍ଗଲ ପରିଚାଳନା () ଏକ ସମବାୟ ପରୀକ୍ଷଣ,ଯେଉଁଠି ବନପାଳ,ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡ଼ିକୁ ଅଧୋପତିତ ଜଙ୍ଗଲ ଜମିର ପୁନରୁଦ୍ଧାର ଏବଂ ସମ୍ବଳ ପରିଚାଳନା ପାଇଁ ଅନ୍ତର୍ଭୁକ୍ତ କରାଯାଇଛି। ଯୁଗ୍ମ ଜଙ୍ଗଲ ପରିଚାଳନା ବ୍ୟବସ୍ଥା ଅନ୍ତର୍ଗତ ଜଙ୍ଗଲ ସମ୍ବଳ ପରିଚାଳନାରେ ଅଂଶୀଦାରଙ୍କ ସମ୍ପତ୍ତି ଅଧିକାରକୁ ସୁନିଶ୍ଚିତ କରାଯାଇଛି। ଯୁଗ୍ମ ଜଙ୍ଗଲ ପରିଚାଳନା ଅନୁସାରେ ଜଙ୍ଗଲ ବିଭାଗ (ପ୍ରାୟତଃ ଜଣେ ସ୍ଥାନୀୟ ଜଙ୍ଗଲ ଅଧିକାରୀ କମିଟିର ସମ୍ପାଦକ) ଏବଂ ଗ୍ରାମ୍ୟ କମିଟି ଯୁଗ୍ମ ଭାବରେ ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା ଏବଂ ପରିଚାଳନା ପାଇଁ ଏକ ବିଧିବଦ୍ଧ ଚୁକ୍ତି ମାଧ୍ୟମରେ କମିଟି ଗଠନ କରନ୍ତି। ଚୁକ୍ତିର ମୂଳ ବୁଝାମଣା ଅନୁଯାୟୀ ଜଙ୍ଗଲ ଜମିର ରକ୍ଷା,ପୁନରୁଦ୍ଧାର ଏବଂ ପରିଚାଳନାର ସହାୟତା ପ୍ରତିବଦଳରେ ଲୋକମାନେ ଜଙ୍ଗଲରୁ ଶୁଖିଲା ଜାଳେଣୀ କାଠ ଏବଂ କାଠଗଣ୍ଡି ପାଇବାରେ ହକଦାର ହେବେ। ଗୋଷ୍ଠୀ ଏବଂ ଜଙ୍ଗଲ ଅଧିକାରୀ ଉଭୟେ କେବଳ ଲାଭ ନୁହେଁ ସମସ୍ତ ଦାୟିତ୍ୱର

ମଧ୍ୟ ଭାଗିଦାର ହେବା ଆଶା କରାଯାଏ। ବିଗତଦଶନ୍ଧି ମଧ୍ୟରେ ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ ସାରା ଦେଶରେ ବିସ୍ତାର ଲାଭ କରିଛି। ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମର ବର୍ତ୍ତମାନର କ୍ଷେତ୍ରୀୟ ପରିମାଣ ହେଉଛି ୧୭୩୩୧୯୫୫.୧୨ ହେକ୍ଟର ଏବଂ ୮୪୬୩୨ ଟି ଗୋଷ୍ଠୀ ଏଥିରେ ଅନ୍ତର୍ଭୁକ୍ତ। ( ୨୦୦୯ ଭାରତୀୟ ରାଜ୍ୟ ଜଙ୍ଗଲ ବିବରଣୀ)

## ୨.୩.୨.୨ ଜଙ୍ଗଲ ରକ୍ଷା ସମିତି (FPC) ଏବଂ ବନ ସଂରକ୍ଷଣ ସମିତି (VSS) ସମୂହ

ଯୁଗ୍ମ ଜଙ୍ଗଲ ପରିଚାଳନାର ପ୍ରାରମ୍ଭିକ ପଦକ୍ଷେପ ଅନୁଯାୟୀ ଅଧୋପତିତ ଜାତୀୟ ଜଙ୍ଗଲ ଗୁଡ଼ିକୁ ଗୋଷ୍ଠୀ ଜଙ୍ଗଲ ହିସାବରେ ଗୋଷ୍ଠୀ ଆଧାରିତ ସମ୍ପତ୍ତି ଅଧିକାର ଶୃଙ୍ଖଳା ବ୍ୟବସ୍ଥା ଅନୁସାରେ ଜଙ୍ଗଲ ରକ୍ଷା କମିଟି ଗୁଡ଼ିକୁ ହସ୍ତାନ୍ତର କରାଗଲା। ଜାତୀୟ ଜଙ୍ଗଲ ନୀତି ଅନୁସାରେ ନିରପେକ୍ଷ ଓ ସାମାଜିକ ନ୍ୟାୟ ସୁନିଶ୍ଚିତ ପାଇଁ ରାଜ୍ୟ ସରକାର ଗୁଡ଼ିକ ଭାରତୀୟ ସମ୍ବିଧାନ ଅନୁଯାୟୀ ଜଙ୍ଗଲ ପରିଚାଳନା ପାଇଁ ଉତ୍ତରଦାୟୀ ଅଟନ୍ତି। ସେଥିପାଇଁ ସେମାନେ ରାଜ୍ୟର ଜଙ୍ଗଲ ଗୁଡ଼ିକ ନିକଟରେ ବସବାସ କରୁଥିବା ଗୋଷ୍ଠୀଙ୍କ ଯୁଗ୍ମ ଜଙ୍ଗଲ ପରିଚାଳନା ଅନୁସାରେ ଜଙ୍ଗଲ ରକ୍ଷା କମିଟି ଗଠନ କରିବା ପାଇଁ ଉତ୍ସାହିତ କରିଛନ୍ତି।

ଭାରତର ପୂର୍ବ ଭାଗରେ ଅବସ୍ଥିତ ଓଡ଼ିଶା ହେଉଛି ଜଙ୍ଗଲ ପରିଚାଳନାରେ ଅଂଶୀଦାର ବିଚାରଧାରା ଆରମ୍ଭ କରିବାରେ ପ୍ରଥମ ରାଜ୍ୟ, ଯିଏ ୧୯୯୦ ଦଶକର ପ୍ରଥମ ଭାଗରେ ଅଧଃପତିତ ଜଙ୍ଗଲ ସଂପଦର ପୁନରୁଦ୍ଧାର ପାଇଁ ଜଙ୍ଗଲ ରକ୍ଷା କମିଟି ଗୁଡ଼ିକ ୧୯୮୮ ମସିହାର ରାଷ୍ଟ୍ରୀୟ ଜଙ୍ଗଲ ନୀତି ଅନୁଯାୟୀ ଅନେକ କମିଟି ଗଠନ କରିଥିଲା। ଜଙ୍ଗଲ ରକ୍ଷା କମିଟି ଗୁଡ଼ିକ ୧୯୮୮ ମସିହାର ରାଷ୍ଟ୍ରୀୟ ଜଙ୍ଗଲ ନୀତି ଅନୁସାରେ ଗଠିତ ହୋଇଥିଲା ଏବଂ ବନ ସଂରକ୍ଷଣ ସମିତି ଗୁଡ଼ିକ ୧୯୯୩ ଏବଂ ୧୯୯୬ ପ୍ରସ୍ତାବ ଅନୁସାରେ ଗଠିତ ହୋଇଥିଲା। ଏହା ବ୍ୟତୀତ ରାଜ୍ୟରେ ଅନେକ ଅଣ ପଞ୍ଜିକୃତ କମିଟି ସମାନ୍ତରାଳ ଭାବେ କାର୍ଯ୍ୟରତ। ଆଜି ସୁଦ୍ଧା ଭାରତର ଅନ୍ୟାନ୍ୟ ରାଜ୍ୟଙ୍କ ମଧ୍ୟରେ ଓଡ଼ିଶାରେ ସର୍ବାଧିକ ଜଙ୍ଗଲ ରକ୍ଷା ସମିତି ରହିଛି।

ମଣ୍ଡଳ ଜଙ୍ଗଲ କାର୍ଯ୍ୟାଳୟ (DFO) ଦ୍ୱାରା ଜଙ୍ଗଲ ରକ୍ଷା କମିଟି ଗଠନ କରାଯାଏ। ଜଙ୍ଗଲ ରକ୍ଷା କମିଟିର ସଭ୍ୟମାନେ ଉଦ୍ଦିଷ୍ଟ ଗ୍ରାମ ଗୁଡ଼ିକରୁ ମନୋନୀତ ହୁଅନ୍ତି। ଗ୍ରାମବାସୀମାନେ ଲାଭର ଶତକଡ଼ା ୨୫ ପ୍ରତିଶତ ପାଇବେ ଏବଂ ସେମାନେ ଭୂପତିତ କାଠଗଣ୍ଡି, ଘାସ, ଫଳ, ଫୁଲ, ମଞ୍ଜି (କାଜୁ ସମେତ) ଏବଂ ପତ୍ର ସଂଗ୍ରହ କରିପାରିବେ। ଯଦିଓ ଯୁଗ୍ମ ଜଙ୍ଗଲ ପରିଚାଳନା କିଛି ମୂଳ ଅଧିକାର ଗ୍ରାମୀଣ ଗୋଷ୍ଠୀକୁ ପ୍ରଦାନ କରିଛି ତଥାପି ଜଙ୍ଗଲ ବିଭାଗ କ୍ଷମତାର କେନ୍ଦ୍ର ହୋଇ ରହିଛି।

## ୨.୩.୨.୩ ଜଙ୍ଗଲର ଭାଗୀଦାର ପରିଚାଳନାର ସମସ୍ୟା ସମୂହ

ସ୍ଥାନୀୟ ଅନୁଷ୍ଠାନ ଗୁଡ଼ିକ ନିରନ୍ତର କାର୍ଯ୍ୟଶୀଳ ହେଲେ ମଧ୍ୟ ଏହାର କାର୍ଯ୍ୟକାରିତାରେ ଅନେକ ସମସ୍ୟା ରହିଛି। ନିଷ୍ପତ୍ତି ଗ୍ରହଣ କ୍ଷମତା :- ସ୍ଥାନୀୟ ଗୋଷ୍ଠୀ ଗୁଡ଼ିକ ବନ ସଂରକ୍ଷଣ ସମିତି ଗୁଡ଼ିକ ଉପରେ ଅସନ୍ତୋଷ ପ୍ରକଟ କରନ୍ତି। କାରଣ ଏହା ଗୋଷ୍ଠୀ ସ୍ତରୀୟ ନିଷ୍ପତ୍ତି ଗ୍ରହଣ କ୍ଷମତାକୁ ଖର୍ବ କରିବାକୁ ଚାହାନ୍ତି। ଏହା ଗୋଷ୍ଠୀର ପାରମ୍ପରିକ ଜ୍ଞାନ ବ୍ୟବସ୍ଥାକୁ ମଧ୍ୟ ଅସମ୍ମାନ କରନ୍ତି। ଜଙ୍ଗଲ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣର କ୍ଷମତା ମୁଖ୍ୟ ଭୂମିକା ନେବାର ପରିବେଶ ଆରମ୍ଭ କରିବା ପରିବର୍ତ୍ତେ ଜଙ୍ଗଲ ବିଭାଗ ଲୋକଙ୍କୁ ପାରମ୍ପରିକ ଜ୍ଞାନ କୌଶଳ ଏବଂ ଅଭିଜ୍ଞତାରୁ ସମ୍ମାନ ଦେବା ଉଚିତ।

**ଲାଭ ଭାଗୀଦାର :** ସମସ୍ତ ଲାଭ ସରକାର ଏବଂ ଗ୍ରାମୀଣ ଗୋଷ୍ଠୀ ମଧ୍ୟରେ ଭାଗ ହୁଏ। ଏପରିକି କଠିନ ପରିଶ୍ରମର ଆର୍ଥିକ ପ୍ରୋତ୍ସାହନ ସ୍ତରରେ ସମସ୍ୟା ଦେଖାଯାଏ। ୧୯୯୩ ମସିହାର ପ୍ରସ୍ତାବରେ ଯୁଗ୍ମ ଜଙ୍ଗଲ ପରିଚାଳନା ପାଇଁ ଓଡ଼ିଶା ସରକାର ବନ ସଂରକ୍ଷଣ ସମିତିକୁ ମୁଖ୍ୟ ଏବଂ ପରିଶେଷ ଅମଳରେ ୫୦ ପ୍ରତିଶତ ଭାଗ ଏବଂ ୧୦୦ ପ୍ରତିଶତ ତତ୍କାଳ ଉତ୍ପାଦ ପ୍ରଦାନ କରନ୍ତି। ଯାହା ଫଳରେ ସିଧାସଳଖ ଲାଭର ୫୦ ପ୍ରତିଶତ ସରକାର ନେଇଯାନ୍ତି ବୋଲି ଗୋଷ୍ଠୀ ଗୁଡ଼ିକ ମନେ କରନ୍ତି।

ଅଣବ୍ୟବହୃତ ଜଙ୍ଗଲ କାଠ ନୀତି : ଯୁଗ୍ମ ଜଙ୍ଗଲ ପରିଚାଳନା ପ୍ରଚଳିତ ପଦ୍ଧତି ଅନୁସାରେ ଜଙ୍ଗଲ ଉପରେ ଗ୍ରାମବାସୀଙ୍କ ସୁରକ୍ଷିତ ଅଧିକାର କ୍ୱଚିତ୍ ରହିଛି। ଏପରିକି ଦୀର୍ଘ କାଳୀନ ଆଧାରରେ ଜଙ୍ଗଲ ଉତ୍ପାଦର ସୁନିଶ୍ଚିତ ବୃଦ୍ଧିପାଇଁ ସଭ୍ୟମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ନାହିଁ। ଆଜି ମଧ୍ୟ ଜଙ୍ଗଲ ବିଭାଗ ଜଙ୍ଗଲ ଉପରେ ଅଧିକାଂଶ ନିୟନ୍ତ୍ରଣ ଏବଂ କ୍ଷମତା ନିଜ ପାଖରେ ରଖିଛି।

ଏହା ବ୍ୟତୀତ ଗ୍ରାମ୍ୟ ଜଙ୍ଗଲର ପୁନଃ ଅବକ୍ଷୟକୁ ରୋକିବା ପାଇଁ ବନ ସଂରକ୍ଷଣ ସମିତି ଯୋଗଦାନ ପରିଚାଳନା ଦ୍ୱାରା ଗ୍ରାମାଞ୍ଚଳର ସମସ୍ତ ପରିବାର ବିଶେଷତଃ ଗ୍ରାମୀଣ ଗରିବ ପରିବାରଙ୍କୁ ଜଡ଼ିତ କରାଏ ଏବଂ ଗ୍ରାମ ସ୍ତରରେ ସମସ୍ତ ପରିବାରଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବାର ପ୍ରୋତ୍ସାହନ ଯୋଗାଏ ଯାହା ଉଭୟ ଗରିବ ଏବଂ ଅଣଗରିବଙ୍କୁ ସାହାଯ୍ୟ କରେ।

## ୨.୩.୩ ଜଳ ବିନିଯୋଗୀ ସଂଘ (WUA)

ଜଳ ସମ୍ବଳ ଉପାଞ୍ଚଳରେ ସହଯୋଗ ବିଚାର ମାଧମରେ ଅଧିକତର ଅନେକ ବିକାଶମୂଳକ ପ୍ରୟାସ ସମ୍ପାଦନ କରାଯାଇଛି। ଏହା ଲକ୍ଷ୍ୟ କରାଯାଇଛି ଯେ ସମ୍ବଳର ସର୍ବାଧିକ ସଂରକ୍ଷଣ ଏବଂ ବ୍ୟବହାର ପାଇଁ ଯୋଗଦାନ ବିଚାରଧାରା ଜଳସେଚନ ପ୍ରକଳ୍ପର ପରିଚାଳନା ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ। ୧୯୮୭ ମସିହାରେ ରାଷ୍ଟ୍ରୀୟ ଜଳନୀତି, ଜଳ ସମ୍ବଳ ଉପାଞ୍ଚଳରେ ଲକ୍ଷ୍ୟ ହାସଲପାଇଁ ବ୍ୟବହାରକାରୀଙ୍କ ଯୋଗଦାନକୁ ଏକ ଉପକରଣ ଭାବେ ଗ୍ରହଣ କରେ। ବୈଦ୍ୟନାଥନ୍ କମିଟି ଜଳସେଚନ ଜଳର ମୂଲ୍ୟ (ଯୋଜନା ଆୟୋଗ ୧୯୯୨) ରେ ଜଳସେଚନ ବ୍ୟବସ୍ଥାର ପରିଚାଳନା ପାଇଁ କୃଷକଙ୍କ ଯୋଗଦାନର ପରାମର୍ଶ ଦିଅନ୍ତି। ଯୋଗଦାନ ଜଳସେଚନ ପରିଚାଳନା (PIM) ସେହି କାର୍ଯ୍ୟକ୍ରମ ଯାହାର ପରିଚାଳନା ବ୍ୟବସ୍ଥାରେ କୃଷକର ପ୍ରତ୍ୟକ୍ଷ ଅଂଶ ଗ୍ରହଣର ବୃଦ୍ଧିକୁ ବୁଝାଏ। ଏହି ବ୍ୟବସ୍ଥା ପରିଚାଳନା ରାଜ୍ୟର ଭୂମିକା ପାଇଁ ପ୍ରଶଂସାଜନକ କିମ୍ବା ବିକଳ୍ପ ବିବେଚିତ ହୋଇପାରେ। ସମଗ୍ର ଦେଶରେ ବର୍ତ୍ତମାନ ବିଭିନ୍ନ ସଂସ୍ଥା ବିଭିନ୍ନ ସ୍ତରରେ ଯୋଗଦାନ ବୃଦ୍ଧି ସୁନିଶ୍ଚିତ କରିବା ପାଇଁ ରହିଛନ୍ତି। ଭାରତର ବିଭିନ୍ନ ରାଜ୍ୟରେ ଏହି ଉଦ୍ଦେଶ୍ୟରେ ଜଳ ବିନିଯୋଗୀ ସଂଘ ପଞ୍ଜିକୃତ କରାଯାଇଛି।

## ୨.୩.୩.୧ ଜଳ ବ୍ୟବହାରକାରୀ ସଂଘର ପରିଭାଷା

ଜଳ ବ୍ୟବହାରକାରୀ ସଂଘ ହେଉଛି ପ୍ରତ୍ୟେକ ଜଳ ବ୍ୟବହାରକାରୀଙ୍କ ସଂଘ ଯେଉଁମାନେ ପରସ୍ପରର ଲାଭ ପାଇଁ ଜଳ ସମ୍ବନ୍ଧୀୟ କାର୍ଯ୍ୟାବଳୀରେ ଲିପ୍ତ ରହନ୍ତି। ଜଳ ବ୍ୟବହାରକାରୀ ସଂଘ ପ୍ରଦାନ କରୁଥିବା ନିର୍ଦ୍ଦିଷ୍ଟ ସେବା ଘଟଣା ଗୁଡ଼ିକ ମଧ୍ୟରେ ପ୍ରଭେଦ ଦେଖାଯାଏ। ଅଣ ଜଳସେଚିତ କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟା

ଗୁଡ଼ିକର ସମାଧାନ ପନ୍ଥା ଜଳବ୍ୟବହାରକାରୀ ସଂଘ ପ୍ରଦାନ କରିଥାଏ। କାରଣ ଅନିର୍ଭରଯୋଗ୍ୟ ଜଳ ପ୍ରବାହ, ତଳ ପର୍ଯ୍ୟାୟ ଚାଷୀଙ୍କୁ ବଞ୍ଚିତ କରି ଉପର ମୁଣ୍ଡ ଚାଷୀଙ୍କ ବିବେଚନା ଶୂନ୍ୟ ଜଳ ବ୍ୟବହାର, ଜଳର ଅଯୌକ୍ତିକ ବଣ୍ଟନ ଫଳରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ। କାରଣ କ୍ଷେତ୍ରୀୟ ଆଧାରରେ ସଭ୍ୟମାନଙ୍କର ଆବଶ୍ୟକତାରେ ପ୍ରଭେଦ ଦେଖାଯାଏ। ସାଧାରଣତଃ ଜଳ ବିନିଯୋଗୀ ସଂଘ ଗୁଡ଼ିକ ଏହାର ସଦସ୍ୟମାନଙ୍କ ଆକାଂକ୍ଷାକୁ ନେଇ ଗଠିତ ହୋଇଥାଏ।

ଆନ୍ଧ୍ରପ୍ରଦେଶ,ରାଜସ୍ଥାନ,ଓଡ଼ିଶା,ମଧ୍ୟପ୍ରଦେଶ,ତାମିଲନାଡୁ,ମହାରାଷ୍ଟ୍ର ଏବଂ ଛତିଶଗଡ଼ ଭଳି ରାଜ୍ୟରେ ଜଳସେଚନ ବ୍ୟବସ୍ଥା ପରିଚାଳନା ପାଇଁ ନିର୍ଦ୍ଧାରିତ ନିୟମ ଗୁଡ଼ିକରେ କୃଷକମାନଙ୍କୁ ଅଂଶ ଗ୍ରହଣକୁ ସକ୍ଷମ କରାଇବା ପାଇଁ ଆଇନ ମାଧ୍ୟମରେ ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୧୯୭୪ ମସିହାରେ ମହାରାଷ୍ଟ୍ରର ପୁରନ୍ଧର ତାଲୁକା ଅନ୍ତର୍ଗତ ମରୁଡ଼ି ପ୍ରବଣ ନାଇଗାଁ ଗ୍ରାମର କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ହୋଇଥିବା ଆନ୍ଦୋଳନକୁ ଶ୍ରୀ ବିଳାସ ରାଓ ସାଲୁଙ୍କେ ପ୍ରଥମେ ପାଣି ପଞ୍ଚାୟତ ନାମକରଣ କରିଥିଲେ।

## ୨.୩.୩.୨ ଜଳ ବିନିଯୋଗକାରୀ ସଂଘ ଗୁଡ଼ିକର ଉଦ୍ଦେଶ୍ୟ

- କୃଷି ଉତ୍ପାଦନର ଉନ୍ନତି ପାଇଁ ଜଳର ଏକ ଦକ୍ଷ ଯଥାର୍ଥ ଯୋଗାଣ ଓ ବଣ୍ଟନ ଏବଂ ସର୍ବାଧିକ ବିନିଯୋଗ ସୁନିଶ୍ଚିତ କରାଇବା।
- ଜଳସେଚନ ଭିତ୍ତିଭୂମିର ବୈଜ୍ଞାନିକ ଓ ବ୍ୟବସ୍ଥିତ ବିକାଶ ଓ ପରିପାଳନ କରିବା।
- ଜଳର ପ୍ରଭାବଶାଳୀ ଓ ବିଶ୍ୱସ୍ତ ଯୋଗାଣ ଏବଂ ବଣ୍ଟନ ପାଇଁ ଜଳସେଚନ ଅବସ୍ଥାର ପରିଚାଳନା ଏବଂ ପରିପାଳନା କରିବା।
- ହିତାଧିକାରୀ କୃଷକଙ୍କଠାରୁ ଜଳସେଚିତ ଜଳର ମୂଲ୍ୟ ଅର୍ଥାତ୍ ଜଳକର ଆଦାୟରେ ସମନ୍ୱିତ ଭୂମିକା ଗ୍ରହଣ କରିବା।
- ପରିବେଶ ଏବଂ ଜୈବ ସନ୍ତୁଳନର ସୁରକ୍ଷା କରିବା।

## ୨.୩.୩ ଜଳ ବିନିଯୋଗୀ ସଂଘ ଗୁଡ଼ିକର କାର୍ଯ୍ୟନିର୍ବାହ ସୋପାନ

ଜଳ ବିନିଯୋଗୀ ସଂଘ ଗୁଡ଼ିକ ଭୌଗଳିକ କାର୍ଯ୍ୟ ନିର୍ବାହ ସୋପାନ ଅନୁଯାୟୀ ଜଣେ ଅନ୍ୟ ଜଣଙ୍କ ଠାରୁ ଯଥେଷ୍ଟ ଭିନ୍ନ ଅଟନ୍ତି। ଏହାର ଏକ ମାତ୍ର କାରଣ ହେଲା ସେମାନେ ସର୍ବଦା ତିନି ସ୍ତରରେ ଏକତ୍ରିତ ହୋଇଥାନ୍ତି ଏବଂ ପ୍ରତ୍ୟେକଙ୍କ କାର୍ଯ୍ୟକ୍ଷେତ୍ର, କାର୍ଯ୍ୟଶୈଳୀ ସେମାନଙ୍କ ସଦସ୍ୟ ଏବଂ ସଂଘ ପାଇଁ ସଂପୂର୍ଣ୍ଣ ଅଲଗା ରହିଥାଏ। ତେଣୁ ସରକାର ଯେକୌଣସି ଆୟତ୍ତାଧୀନ ଅଞ୍ଚଳକୁ ଏକ ପ୍ରକଳ୍ପ ଅଞ୍ଚଳର ସ୍ୱରୂପ ଦେଇ ପାରନ୍ତି। ପ୍ରତ୍ୟେକ ପ୍ରକଳ୍ପ ଅଞ୍ଚଳରେ ଗୋଟିଏ ଗୋଟିଏ ପ୍ରକଳ୍ପ କମିଟି ଗଠନର ଆବଶ୍ୟକତା ଅଛି। ପ୍ରକଳ୍ପ ଅଧିକାରୀ ଆୟତାଧିନ ଅଞ୍ଚଳର ପ୍ରତ୍ୟେକ ଜଳସେଚନ ବ୍ୟବସ୍ଥାର ସ୍ୱରୂପ ବର୍ଣ୍ଣନା କରିବା ଆବଶ୍ୟକ ଏବଂ ପ୍ରଶାସନିକ ସାଧନ ଯୋଗ୍ୟତା ପାଇଁ ପ୍ରକଳ୍ପ ଗୁଡ଼ିକର ଚାପ ଜନିତ ଜଳ ଚାଳିତ ପ୍ରକ୍ରିୟା ପ୍ରୟୋଗ କରି ଜଳ ବିନିଯୋଗ ଅଞ୍ଚଳ ଘୋଷଣା କରିବା ଆବଶ୍ୟକ। ଏହା ପ୍ରତ୍ୟେକ ଜଳ ବିନିଯୋଗ ଅଞ୍ଚଳରେ ଜଳ ବିନିଯୋଗ ସଂଘ ପ୍ରତିଷ୍ଠା

କରିବାରେ ସକ୍ଷମ ହେବେ। ସମସ୍ତ ଜଳ ବ୍ୟବହାରକାରୀ ଅଞ୍ଚଳର ଜମି ମାଲିକଙ୍କୁ ସଦସ୍ୟଭାବେ ନେଇ ଜଳ ବିନିଯୋଗ ଅଞ୍ଚଳ ଘୋଷଣା କରିବା ଆବଶ୍ୟକ। ଏହା ପ୍ରତ୍ୟେକ ଜଳ ବିନିଯୋଗ ଅଞ୍ଚଳରେ ଜଳ ବିନିଯୋଗ ସଂଘ ପ୍ରତିଷ୍ଠା କରିବାରେ ସକ୍ଷମ ହେବେ। ସମସ୍ତ ଜଳ ବ୍ୟବହାରକାରୀ ଅଞ୍ଚଳର ଜମି ମାଲିକଙ୍କୁ ସଦସ୍ୟ ଭାବେ ନେଇ ଜଳ ବିନିଯୋଗ ସଂଘ ଗୁଡ଼ିକ ଗଠିତ ହେବ। ଏହା ବ୍ୟତୀତ ପ୍ରକଳ୍ପ ଅଧିକାରୀ ଆୟତ୍ତାଧୀନ ଅଞ୍ଚଳର ଦୁଇ ବା ତତୋଧିକ ଜଳ ବିନିଯୋଗୀ ଅଞ୍ଚଳକୁ ନେଇ ଏକ ଜଳ ପ୍ରବାହ ଶାଖା ଭାବେ ଚିହ୍ନିତ କରିପାରନ୍ତି।

ପ୍ରାଥମିକ ସ୍ତରରେ ଜଳ ବିନିଯୋଗୀ ସଂଘ,ମାଧ୍ୟମିକ ସ୍ତରର ଜଳ ପ୍ରବାହ ଶାଖା ଏବଂ ପ୍ରକଳ୍ପ ସ୍ତରରେ ପ୍ରକଳ୍ପ କମିଟିର ସମଷ୍ଟିକୁ କୃଷକମାନଙ୍କ ସଂସ୍ଥା ଭାବେ ଅଭିହିତ କରାଯାଏ।

ପାଣି ପଞ୍ଚାୟତ ନିୟମାବଳୀ ଗୁଡ଼ିକ ନିରପେକ୍ଷତା ଚାହିଦା ପରିଚାଳନା,ଭୂମିହୀନ ଅଧିକାର,ଗୋଷ୍ଠୀ ଭାଗିଦାରୀ ସମ୍ବଳର ସ୍ଥାୟୀତ୍ୱ ଇତ୍ୟାଦିକୁ ନେଇ ବିସ୍ତାରିତ। ଏହାର ଢାଞ୍ଚା ନିମ୍ନମତେ ଗଠିତ।

- ପ୍ରତ୍ୟେକ ଉଠା ଜଳସେଚନ ଯୋଜନା ପାଇଁ ଜଳ ବ୍ୟବହାରକାରୀ ଗୋଷ୍ଠୀ,ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମସ୍ତରୀୟ ପାଣି ପଞ୍ଚାୟତର ପ୍ରତିନିଧିତ୍ୱ କରିବେ।
- ଗ୍ରାମସ୍ତରୀୟ କମିଟିର ପ୍ରତିନିଧିମାନଙ୍କ ନିର୍ବାଚନ।
- ଜନସାଧାରଣଙ୍କ ଯୋଗଦାନରେ ନିଷ୍ପତ୍ତି ଗ୍ରହଣର ବିକେନ୍ଦ୍ରୀକରଣ।
- ସମୀକ୍ଷା, ଯୋଜନା କାର୍ଯ୍ୟକାରୀ ଏବଂ ଦ୍ୱନ୍ଦ୍ୱ ସମାଧାନ ପାଇଁ କମିଟିର ମାସିକ ଭତ୍ତା।
- ଯଥାଯଥ ଜଳ ଆବଣ୍ଟନ ସୁନିଶ୍ଚିତ।
- ଜଳକର ଆଦାୟ।
- ଯୋଜନାର ପରିପାଳନା।

## ୨.୩.୩.୪ ଜଳ ବିନିଯୋଗୀ ସଂଘ ଗୁଡ଼ିକର କାର୍ଯ୍ୟାବଳୀ

ଜଳ ବିନିଯୋଗ ସଂଘର ବିଭିନ୍ନ କାର୍ଯ୍ୟ ହେଲା -

କ) ପ୍ରତ୍ୟେକ ଜଳସେଚନ ଋତୁ ପାଇଁ ଏକ ଓ୍ୱାରାବନ୍ଦୀ କାର୍ଯ୍ୟସୂଚୀ ପ୍ରସ୍ତୁତ ଏବଂ ସମ୍ପାଦନ।

ଖ) ଜଳସେଚନ ବ୍ୟବସ୍ଥାର ପରିପାଳନା,ସଂପ୍ରସାରଣ,ଉନ୍ନତି ନବୀକରଣ ଓ ଆଧୁନିକୀକରଣ ଯୋଜନା ପ୍ରସ୍ତୁତ।

ଗ) କାର୍ଯ୍ୟ ନିର୍ବାହ ଅଞ୍ଚଳର ବିଭିନ୍ନ ଜଳ ନିଷ୍କାସନ ମାର୍ଗ ମଧ୍ୟରେ ଜଳ ବ୍ୟବହାର ନିୟନ୍ତ୍ରଣ କରିବା।

ଘ) ରାଜସ୍ୱ ବିଭାଗ ଦ୍ୱାରା ମୁଦ୍ରିତ ଜମି ମାଲିକଙ୍କ ନାମ ଅନୁସାରେ ଏକ ଖାତା ଚାଲୁ କରିବା।

ଙ) ଜଳସେଚନ ପାଇଁ ଜଳ ପ୍ରବାହର ଯାଞ୍ଚ କରିବା।

ଚ) କାର୍ଯ୍ୟ ନିର୍ବାହ ଅଞ୍ଚଳର ଜଳ ବ୍ୟବହାରକାରୀ ଏବଂ ସଭ୍ୟଙ୍କ ମଧ୍ୟରେ ଯଦି କିଛି ଦ୍ୱନ୍ଦ୍ୱ/ମତଭେଦ/ କଳହ ଥାଏ ତେବେ ତାହାର ସମାଧାନ କରିବା।

## ୨.୩.୩.୫ ଜଳ ବିନିଯୋଗ ସଂସ୍ଥାର ଅଧିକାର

ଜଳବିନିଯୋଗୀ ସଂସ୍ଥାର ଅଧିକାର ରହିଛି। ସେଗୁଡ଼ିକ ହେଲା -

କ) ଅଣ ସଭ୍ୟମାନଙ୍କୁ କେତେକ ସର୍ତ୍ତରେ ଜଳ ପ୍ରଦାନ କରିବା।

ଖ) ବ୍ୟବସ୍ଥାର ପରିପାଳନା ପାଇଁ ଅଲଗା କର ଧାର୍ଯ୍ୟ କରିବା।

ଗ) ଅନ୍ୟାନ୍ୟ ଖର୍ଚ୍ଚ ଏବଂ ପରିଚାଳନା ଗତ ବ୍ୟୟର ପୂରଣ ପାଇଁ ସେବାକର ଏବଂ ଅନ୍ୟାନ୍ୟ କର ଧାର୍ଯ୍ୟ କରିବା।

**ଜଳ ବ୍ୟବହାରୀ ବ୍ୟକ୍ତିଙ୍କୁ ଅର୍ପଣ କରାଯାଇଥିବା ଅଧିକାର ଗୁଡ଼ିକ -**

କ) ଜଳ ବଣ୍ଟନରେ ପରିବର୍ତ୍ତନ ଉନ୍ନତି ପରାମର୍ଶର ଅଧିକାର।

ଖ) ଜଳ ଉପଲବ୍ଧ, ପ୍ରଦାନ, କେନାଲ୍ ଏବଂ ଜଳ ନିର୍ଗମନ ପଥର ମୁକ୍ତ ବନ୍ଧ, ଯୋଗାଣର ସମୟ, ହାର (ପୁନଃପୌନିକତା) ସମ୍ପର୍କିତ ସୂଚନା ଲାଭ କରିବା ଅଧିକାର।

ଗ) ସଂଘର ସଭ୍ୟମାନଙ୍କ ଅନୁମତିରେ ଜଳ ବିନିଯୋଗୀ ସଂଘର କାର୍ଯ୍ୟ ନିର୍ବାହ ଅଞ୍ଚଳ ଅନ୍ତର୍ଗତ ଅନ୍ୟ ଜଳ ବିନିଯୋଗୀକୁ ଜଳ ବିକ୍ରୟ ବା ସ୍ଥାନାନ୍ତର ଅଧିକାର।

ଘ) ବାର୍ଷିକ ସାଧାରଣ ସଭାରେ ଅଂଶଗ୍ରହଣ ଏବଂ ବାର୍ଷିକ ବିବରଣୀ ପାଇବା ଅଧିକାର।

ଙ) ସଂସ୍ଥାର କାର୍ଯ୍ୟଧାରାରୁ ନ୍ୟାୟୋଚିତ, ଯୁକ୍ତିଯୁକ୍ତ ଲାଭ ପାଇବା ଅଧିକାର।

ଜଳ ବିନିଯୋଗୀଙ୍କ ଉପରୋକ୍ତ ସମସ୍ତ ଅଧିକାର ଜଳର ଉପଲବ୍ଧି ଏବଂ ଜଳ ବିନିଯୋଗୀ ସଂସ୍ଥା ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ। ଅତଏବ ଉଭୟ ସଂଘ ଏବଂ ଏହାର ସଭ୍ୟଙ୍କ ପାଇଁ ଏହି ସମସ୍ତ ଅଧିକାର ପ୍ରାପ୍ତିର ଆଧାର ବାସ୍ତବରେ ଜଳସେଚନ ସାନ୍ନିଧ୍ୟ ଉପରେ ନିହିତ।

## ୨.୩.୩.୬ ଓଡ଼ିଶାରେ ପାଣି ପଞ୍ଚାୟତ (WUAS)

ଓଡ଼ିଶା ସରକାର ୧୯୯୪ ରାଜ୍ୟ ଜଳ ନୀତିରେ ଅଂଶ ଗ୍ରହଣକାରୀ ଜଳସେଚନ ପରିଚାଳନା (PIM) ନୀତି ଗ୍ରହଣ କଲେ ଯାହା କୃଷକଙ୍କୁ ଜଳସେଚନ ପରିଚାଳନା ହସ୍ତାନ୍ତର ଉପରେ ଗୁରୁତ୍ୱ ଆରୋପ କରେ। କୃଷକଙ୍କ ସହଭାଗୀତାର ଆବଶ୍ୟକ ବିଶ୍ୱ ବ୍ୟାଙ୍କକୁ ଓଡ଼ିଶା ସରକାରଙ୍କ ପ୍ରତିଶ୍ରୁତିରୁ ସୃଷ୍ଟି ଯିଏ ଓଡ଼ିଶା ଜଳ ସମ୍ବଳ ଦୃଢ଼ୀକରଣ ପ୍ରକଳ୍ପ () କୁ ପାଣ୍ଠି ଦେଲେ। ଏହି ପ୍ରକଳ୍ପର ଉପାଦାନ ଭାବରେ କୃଷକଙ୍କ ସଂସ୍ଥା ଏକ ହସ୍ତାନ୍ତର କାର୍ଯ୍ୟକ୍ରମ () କୁ ଅଧିକ ମହତ୍ତ୍ୱ ପ୍ରଦାନ କରାଯାଇଛି। କୃଷକ ସଂସ୍ଥା ଓ ହସ୍ତାନ୍ତର କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଲା ପାଣି ପଞ୍ଚାୟତ () ବା ଜଳବିନିଯୋଗୀ ସଂସ୍ଥା ମାଧ୍ୟମରେ କୃଷକଙ୍କୁ କିଛି ଦାୟିତ୍ୱ ଅର୍ପଣ କରିବା ଯାହା ଜଳକରର ଆଦାୟ, ଜଳ ବ୍ୟବହାରୀକାରୀଙ୍କ ମଧ୍ୟରେ କେନାଲ୍ ଜଳ ଆବଣ୍ଟନ, ନିମ୍ନ ସ୍ତର ଯଥା କ୍ଷୁଦ୍ର, ଉପକ୍ଷୁଦ୍ର, ଜଳ ଆଶ୍ରୟ ଶାଖାରେ କେନାଲ୍ ଗୁଡ଼ିକର କାର୍ଯ୍ୟ ନିର୍ବାହ ଏବଂ ପରିପାଳନର ଅନ୍ତର୍ଭୁକ୍ତ।

ଓଡ଼ିଶା କୃଷକମାନଙ୍କ ପରିଚାଳନାର ଜଳସେଚନ ବ୍ୟବସ୍ଥା ନିୟମ ୨୦୦୨ ଅନୁସାରେ ଓଡ଼ିଶା ପାଣି ପଞ୍ଚାୟତ ନିୟମ ୨୦୦୨ ହେଉଛି କୃଷକଙ୍କ ସହଭାଗିତା ସୁଗମର ଏକ ଉପକରଣ ଅଟେ । ଏହି ସଂସ୍ଥାର ପ୍ରକ୍ରିୟା ପ୍ରଥମ ପଦକ୍ଷେପ ସ୍ୱରୂପ ପାଣି ପଞ୍ଚାୟତ (**WUAS**) ବା ଜଳ ବିନିଯୋଗୀ ସଂସ୍ଥା ମାଧ୍ୟମରେ କୃଷକ କିମ୍ବା ହିତାଧିକାରୀକୁ କେନଲ ବ୍ୟବସ୍ଥା/ ଜଳସେଚନ ଯୋଗାଯୋଗର ଏକ ଅଂଶର କାର୍ଯ୍ୟନିର୍ବାହ ଏବଂ ପରିପାଳନ ପାଇଁ ହସ୍ତାନ୍ତର ହେଲା । ପାଣି ପଞ୍ଚାୟତ ଗୁଡ଼ିକର ଉପଯୋଗିତା ଏବଂ ଲାଭପ୍ରଦତା ଉପରେ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରିଆସିଛନ୍ତି । ଏହି କାର୍ଯ୍ୟକ୍ରମରେ ପାଣି ପଞ୍ଚାୟତ ଗୁଡ଼ିକ ତ୍ରିସ୍ତରୀୟ ବ୍ୟବସ୍ଥା ଦୁଇଟି ଅନୌପଚାରିକ ସଂଘ ଏବଂ ଗୋଟିଏ ଔପଚାରିକ ସଂଘ ସହ ୩୦୦ ରୁ ୬୦୦ ହେକ୍ଟର ପରିମିତି ଆୟତ୍ତାଧୀନ ଅଞ୍ଚଳର ଚାପ ଦ୍ୱାରା ଜଳଚାଳିତ ପ୍ରକ୍ରିୟା ସହ ସୃଷ୍ଟି ହେଲା । ଗୋଟିଏ ଆୟକାଟ୍ ଅଞ୍ଚଳର ପ୍ରଥମ ମଧ୍ୟମ ଏବଂ ଶେଷ ଜଳ ଗମନ କ୍ଷେତ୍ରରୁ ତିନିଜଣ କୃଷକଙ୍କୁ ନେଇ ଏକ ଚାକ୍ କମିଟି ଗଠନ ହେଲା । ପ୍ରତ୍ୟେକ ଚାକ୍ କମିଟିର ଜଣେ ପ୍ରତିନିଧି ପାଣି ପଞ୍ଚାୟତର ନିର୍ବାହୀ ସଭ୍ୟ ଅଟନ୍ତି । ପାଣି ପଞ୍ଚାୟତର ଜଳ ବିନିଯୋଗ ସଂଘର ସଭାପତି, ଉପସଭାପତି, ସମ୍ପାଦକ ଏବଂ କୋଷାଧ୍ୟକ୍ଷ ସଂପୃକ୍ତ ପାଣି ପଞ୍ଚାୟତର କାର୍ଯ୍ୟନିର୍ବାହୀ ସଭ୍ୟଙ୍କ ମଧ୍ୟରୁ ନିର୍ବାଚିତ ହେବେ । ସମସ୍ତ ଜଳ ବିନିଯୋଗକାରୀ ପାଣି ପଞ୍ଚାୟତର ସାଧାରଣ କାର୍ଯ୍ୟ ନିର୍ବାହୀ ସଭ୍ୟ ଥିବା ଦୃଷ୍ଟି ଗୋଚର ହୁଏ । ପ୍ରକଳ୍ପ ସ୍ତରରେ ଜଳ ବିନିଯୋଗୀ ସଂଘ ଗୁଡ଼ିକ ଯୋଗାଯୋଗ ବ୍ୟବସ୍ଥାର ନିର୍ବାହ ଓ ପରିପାଳନା ପାଇଁ ଶୀର୍ଷ କମିଟି ନିର୍ବାହୀ ସଭ୍ୟଗଣ ଜଳସେଚନ ପ୍ରକଳ୍ପର ଅନ୍ତର୍ଗତ ଆୟତ୍ତାଧୀନ ଅଞ୍ଚଳର ଜଳ ବିନିଯୋଗ ସଂଘ ଗୁଡ଼ିକର ସଭାପତିଙ୍କ ମଧ୍ୟରୁ ନିର୍ବାଚିତ ହେବେ । ପାଣି ପଞ୍ଚାୟତ ଗୁଡ଼ିକୁ ଆଇନ୍ ସମ୍ମତ ସଂସ୍ଥା ଭାବେ ଆବଶ୍ୟକୀୟ ପରିଚୟ ପ୍ରଦାନ କରିବା ପାଇଁ ପଞ୍ଜିକୃତ କରାଯାଇଛି ।

ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୁକ୍ତ ଜଳ ପ୍ରବାହ ସୁନିଶ୍ଚିତ କରିବା ପାଇଁ କୃଷକମାନଙ୍କୁ ନିଜେ ସର୍ବନିମ୍ନ ପରିପାଳନା କାର୍ଯ୍ୟର ପଦକ୍ଷେପ ନେବାପାଇଁ ପରାମର୍ଶ ଦିଆଯାଇଛି । ସେମାନଙ୍କ ଅଞ୍ଚଳର ଜଳ ଆବଣ୍ଟନ ସଙ୍ଗଠନ, ଦ୍ୱନ୍ଦ୍ୱର ସମାଧାନ ଏବଂ ନିଜ ଫସଲ ଯୋଜନାର ଅନୁସରଣ ଇତ୍ୟାଦି କରିବା ପାଇଁ ସାହାଯ୍ୟ କରାଯାଇଛି ।

## ୨.୩.୩.୭ ବିଜୁ କୃଷକ ବିକାଶ ଯୋଜନା (BKVY)

ପ୍ରକଳ୍ପ ଆରମ୍ଭ କାଳରୁ ଜଳ ବ୍ୟବହାରକାରୀଙ୍କ ଭାଗୀଦାରି ଅଧିକାର ସୁନିଶ୍ଚିତ କରିବାରେ ବିଜୁ କୃଷକ ବିକାଶ ଯୋଜନା () କ୍ଷୁଦ୍ର ଜଳସେଚନ କ୍ଷେତ୍ରରେ ଭାଗୀଦାର ଜଳସେଚନ ପରିଚାଳନାର () ର ସହାୟକ ଭାବେ ଏକ ଅଦ୍ୱିତୀୟ ପ୍ରତିକୃତି ଅଟେ । ବିଜୁ କୃଷକ ବିକାଶ ଯୋଜନାର ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ ହେଲା ଏହା ସରକାରଙ୍କ ଜଳସେଚନ ସହାୟତାରୁ ଲାଭ ଉଠାଇବା ପାଇଁ କୃଷକମାନଙ୍କୁ ପାଣି ପଞ୍ଚାୟତ ଗଠନ ଓ ପଞ୍ଜିକରଣ ପାଇଁ ମୁକ୍ତ ନିମନ୍ତ୍ରଣ କରେ ।

ତେଣୁ ପାଣି ପଞ୍ଚାୟତର ଦୁର୍ବଳ କାର୍ଯ୍ୟ ନିର୍ବାହ ଏବଂ ଜଳସେଚନ ବ୍ୟବସ୍ଥାର ପରିଚାଳନାକୁ ଅତିକ୍ରମ କରି କୃଷି ଉତ୍ପାଦନର ଉନ୍ନତି କରିବାରେ ସଫଳ ହୋଇ ଆସିଛି । ସମସ୍ତ ପାଣି ପଞ୍ଚାୟତ ନିଜ ନିଜ କେନାଲ ବ୍ୟବସ୍ଥାର ଉତ୍ତମ ନିୟନ୍ତ୍ରଣ ଏବଂ ସେଚନ ଜଳର ପରିଚାଳନା ପାଇଁ ଉତ୍ସାହିତ ହୋଇଛନ୍ତି ।

## ୨.୪ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକ ସହ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସମନ୍ୱୟ

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମାଞ୍ଚଳ ପୁନର୍ଗଠନରେ ଲୋକଙ୍କ ଅଂଶ ଗ୍ରହଣ ସୁନିଶ୍ଚିତ କରିବା ପାଇଁ ଆରମ୍ଭ ହେଲା । ଏକାଦଶ କାର୍ଯ୍ୟକ୍ରମ ସୂଚୀ ପଞ୍ଚାୟତ ଗୁଡ଼ିକୁ ଦାରିଦ୍ର୍ୟ ନିରାକରଣ ଏବଂ ଲୋକଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ଅଧିକାର ପ୍ରଦାନ କରେ । ଏହାର ପ୍ରାପ୍ତି ଏବଂ ପଞ୍ଚାୟତିରାଜ ବ୍ୟବସ୍ଥାର ଅବାଧ କାର୍ଯ୍ୟକାରିତା ପାଇଁ ଲୋକଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି । ଲୋକଙ୍କୁ ସେମାନଙ୍କ ଉଚିତ ଅଧିକାର ସମ୍ପର୍କରେ ସଚେତନ କରାଇବାରେ ପଞ୍ଚାୟତ (ଯାହା ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାର ଏବଂ ଯେଉଁଠି ଲୋକଙ୍କ ଅବାଧ ପ୍ରବେଶାଧିକାର ରହିଛି) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ପାରନ୍ତି । କେବଳ ଲୋକଙ୍କ ପ୍ରଚେଷ୍ଟା ଉଦ୍ୟମ ଏବଂ ସଂପୃକ୍ତି ହିଁ ଆଶ୍ୱସ୍ତ ସ୍ଥାୟୀ ବିକାଶ ଆଣି ପାରିବ ।

ଭାରତ ସରକାର ସ୍ୱେଚ୍ଛାସେବୀ କାର୍ଯ୍ୟକୁ ଗ୍ରାମାଞ୍ଚଳ ଲୋକଙ୍କ ଏକତ୍ରିକରଣ ନିମନ୍ତେ ପ୍ରୋତ୍ସାହିତ କରି ଆସିଛନ୍ତି । ଦୀର୍ଘ ଦୁଇ ଦଶନ୍ଧି ଧରି ଏଇ କ୍ଷେତ୍ରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ବିବିଧ ଉଦ୍ୟମ ବିକାଶରେ ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ଗୋପାଳନ,ଜଳସମ୍ବଳ ପରିଚାଳନ,ପତିତ ଜମିର ବିକାଶ ଏବଂ ଅନ୍ୟାନ୍ୟ ଆୟ ଜୀବିକାର ପ୍ରୋତ୍ସାହନ ଦେଉଛନ୍ତି ।

ବିଭିନ୍ନ ରାଜ୍ୟରେ କୃଷକମାନେ ଆଖୁ, ତୈଳବୀଜ, ଦୁଗ୍ଧ, ଫଳ ଏବଂ ପରିବା ପ୍ରକ୍ରିୟାକରଣ ପାଇଁ ସମବାୟ ପ୍ରତିଷ୍ଠା କରିଛନ୍ତି । ଏହି ସଂସ୍ଥା ଗୁଡ଼ିକ ପେଶାଦାର ପରିଚାଳନା ଏବଂ ଆଧୁନିକ ଯାନ୍ତ୍ରୀକ କୌଶଳର ପ୍ରୟୋଗ ଦ୍ୱାରା ଅର୍ଥନୈତିକ ଦୃଢ଼ତା ଆଣିଛନ୍ତି ଏବଂ ମଧ୍ୟବର୍ତ୍ତୀ ଲାଭଖୋର ବ୍ୟବସାୟୀଙ୍କ ଶୋଷଣକୁ ଲୋପ କରିଛନ୍ତି । ନବମ ପଞ୍ଚବାର୍ଷିକ ଯୋଜନା (୧୯୯୭-୨୦୦୨) ଅନୁଯାୟୀ ଲୋକସଂସ୍ଥା ଗୁଡ଼ିକ ସୁଦୃଢ଼ କରିବା ପାଇଁ ଗରିବ ପରିବାରଙ୍କୁ ନେଇ ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ପ୍ରୋତ୍ସାହିତ କରାଯାଇଛି । ନାରୀ ସଶକ୍ତିକରଣ,ଦାରିଦ୍ର୍ୟ ଦୂରୀକରଣ,ସ୍ଥାନୀୟ ସ୍ତରରେ ସମସ୍ୟା ଗୁଡ଼ିକର ସମାଧାନ ଇତ୍ୟାଦି ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରୁଥିବା ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଅନ୍ୟତମ ।

ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗୋଷ୍ଠୀ ଆଧାରିତ ସଂସ୍ଥା ମଧ୍ୟରେ ଏକତ୍ରୀକରଣ ଅଣାଗଲେ ଗରିବ ଲୋକଙ୍କ ଗଣତାନ୍ତ୍ରିକରଣ ଏବଂ ଅଂଶଗ୍ରହଣ ଲକ୍ଷ୍ୟ ସାଧନ ହୋଇପାରିବ । ଉଭୟ ଏକାଭିମୁଖୀ ହେଲେ ସ୍ଥାନୀୟ ଅର୍ଥନୈତିକ ବିକାଶ ଏବଂ ସାମାଜିକ ନ୍ୟାୟ ପାଇଁ ସୁଯୋଗର ପଥ ପରିଭାଷା ହେବ । ସ୍ଥାନୀୟ ବିକାଶ ସମ୍ବନ୍ଧୀୟ କାର୍ଯ୍ୟାବଳୀର ଚାହିଦା ସୃଷ୍ଟି ମାଧମରେ ଏହା ସଂଘଟିତ ହୁଏ । ଯାହା ସମ୍ପଦ ଉତ୍ପନ୍ନ ହୁଏ ତାହା ଗରିବ ଗୋଷ୍ଠୀଙ୍କ ଦ୍ୱାରା ଯଥାର୍ଥ ବ୍ୟବହାର ହୋଇପାରେ ।

### ୨.୪.୧ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ସହ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକର ସମନ୍ୱୟର ଆବଶ୍ୟକତା

ଏକ ସଚେତନ ପଞ୍ଚାୟତ ଗରିବମାନଙ୍କ ସହିତ ଦୃଢ଼ ସଂଯୋଗ ଏବଂ କାର୍ଯ୍ୟପ୍ରକ୍ରିୟା ଦ୍ୱାରା କ୍ଷମତା ପ୍ରାପ୍ତ ହୋଇଥାଏ । ଏହି ଆଭିମୁଖ୍ୟ ଗ୍ରାମର ସ୍ଥାନୀୟ ଅର୍ଥନୈତିକ ଏବଂ ସାମାଜିକ ବିକାଶ ଏବଂ ଦାରିଦ୍ର୍ୟ ନିରାକରଣ ପଦକ୍ଷେପ ପ୍ରକ୍ରିୟାରେ ପଞ୍ଚାୟତ ଓ ଗୋଷ୍ଠୀ ମଧ୍ୟରେ ପରସ୍ପର ଲାଭଦାୟକ ସମ୍ପର୍କ ସ୍ଥାପନ କରିପାରେ । ଗୋଷ୍ଠୀର

ଗରିବ ଏବଂ ଦୁର୍ବଳ ଲୋକଙ୍କ ଜୀବିକା ଏବଂ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଉଭୟଙ୍କ ଏଭଳି ସଂଯୋଗ ଉତ୍ତମ କାର୍ଯ୍ୟ କରିବ। ପଞ୍ଚାୟତିରାଜ ଅନୁଷ୍ଠାନ ସହ ଗୋଷ୍ଠୀ ଆଧାରିତ ସଂସ୍ଥାର ସମନ୍ୱୟ ନିମ୍ନ ପ୍ରଦତ୍ତ ପଥ ପ୍ରଦର୍ଶନ କରିବ।

- ଗରିବ କୈନ୍ଦ୍ରିକ କାର୍ଯ୍ୟକ୍ରମର ଦକ୍ଷତା ଏବଂ ପ୍ରସାରଣରେ ଅଭିବୃଦ୍ଧି।
- ପଞ୍ଚାୟତ ଦ୍ୱାରା ଗୋଷ୍ଠୀ ଉନ୍ନୟନ ନେଟ୍‌ୱାର୍କ ସହିତ ଉତ୍ତମ ଅଂଶୀଦାର ଯୋଜନା।
- ଅଧିକାରର ଦାବି ନିମନ୍ତେ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକର ସାମର୍ଥ୍ୟ ବୃଦ୍ଧି।
- ସ୍ଥାନୀୟ ସରକାରୀ ଅନୁଷ୍ଠାନ ଦ୍ୱାରା ଗୋଷ୍ଠୀକୁ ଗଣତନ୍ତ୍ର ସଚେତନତା, ସହାୟତା, ସୁଦୃଢ଼ୀକରଣ ଏବଂ ନିରନ୍ତରଣ ପ୍ରଦାନ।

## ୨.୪.୨ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ସହ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକର ଏକ [ଏକା]ଭିମୁଖ୍ୟ କଳ୍ପନାର ବାଞ୍ଛନୀୟତା

ଗୋଷ୍ଠୀର ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସଶକ୍ତିକରଣ ଅନୁସାରେ ନିର୍ଣ୍ଣାୟକ ଶିକ୍ଷା ପ୍ରକ୍ରିୟା ଆଣିବା।

- ସମାଜର ଅତି ଦୁର୍ବଳ ବିଭାଗକୁ ଅନ୍ତର୍ଭୁକ୍ତ କରିବା।
- ଗରିବ ଲୋକଙ୍କ ଦ୍ୱାରା ସାମୁହିକ ନିଷ୍ପତ୍ତି ଗ୍ରହଣ।
- ସ୍ଥାନୀୟ ସ୍ୱାୟତ୍ତ ଶାସନର ସାମଗ୍ରିକ ପ୍ରକ୍ରିୟାରେ ଭାଗିଦାରୀ ଆଭିମୁଖ୍ୟ ବ୍ୟକ୍ତିର ଅଧିକାର ଏବଂ ପ୍ରାପ୍ତି ସଚେତନତା ସୃଷ୍ଟି କରିବ।
- ଦାରିଦ୍ର୍ୟ ହ୍ରାସ ପାଇଁ ଏକାଭିମୁଖୀର ପ୍ରଭାବଶାଳୀ ପଦକ୍ଷେପ ନିଆଯାଇପାରିବ।

(କ) ଶକ୍ତ, ସାମାର୍ଥ୍ୟ ଗୋଷ୍ଠୀ ଶ୍ରେଣୀ ମାଧ୍ୟମରେ।

(ଖ) ଆନୁଷ୍ଠାନିକ, କୌଶଳ ସୁଗମ ମାଧ୍ୟମରେ

(ଗ) ଯୋଜନା ଏବଂ ତଦାରଖ ପାଇଁ ଯଥାର୍ଥ ଉପକରଣ ମାଧ୍ୟମରେ।

## ୨.୪.୩ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଓ ପଞ୍ଚାୟତିରାଜ ଅନୁଷ୍ଠାନ ସମୂହ

କାର୍ଯ୍ୟକ୍ରମର ସମ୍ପାଦନ ପାଇଁ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକୁ କ୍ରିୟାଶୀଳ ଭାଗିଦାର ଭାବେ ପ୍ରସ୍ତୁତ କରି ଗରିବ କୈନ୍ଦ୍ରିକ କାର୍ଯ୍ୟକ୍ରମ ଗୁଡ଼ିକର ଦକ୍ଷତା ବୃଦ୍ଧି କରାଯାଇପାରେ। ଅନେକ ସାମ୍ବିଧାନିକ ଦାୟିତ୍ୱ ହୃଦୟଙ୍ଗମ ପାଇଁ ପଞ୍ଚାୟତ ଗୁଡ଼ିକୁ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକ କ୍ରିୟାଶୀଳ ଉପକରଣ (ହତିଆର) ରୂପେ ବ୍ୟବହାର କରି ପାରନ୍ତି। ତୃଣମୂଳ ସ୍ତରର ସାମୁହିକ ସାହାଯ୍ୟ ଗ୍ରାମସଭାକୁ ସୁଦୃଢ଼ କରେ। ପରିସ୍ଥିତି ଦ୍ୱାରା ମିଳିଥିବା ସୁଯୋଗ ଗୋଷ୍ଠୀ ଭିତ୍ତିକ ସଂସ୍ଥା ଗୁଡ଼ିକୁ ସେମାନଙ୍କ ଅଧିକାର ଏବଂ ସାମର୍ଥ୍ୟ ପ୍ରତି ସଚେତନ କରାଇବ। ଏକ ପ୍ରଭାବଶାଳୀ ଏବଂ ଗଣତନ୍ତ୍ର ପଦ୍ଧତି ସଚେତନ ଗୋଷ୍ଠୀ ସ୍ଥାନୀୟ ସରକାରୀ ଅନୁଷ୍ଠାନ ଗୁଡ଼ିକର କାର୍ଯ୍ୟ ସମ୍ପାଦନ କୌଶଳ ଏବଂ

କାର୍ଯ୍ୟକାରିତାକୁ ସୁଦୃଢ଼ କରିବ। ସ୍ୱୟଂ ସହାୟକ ଗୋଷ୍ଠୀ ନାରୀମାନଙ୍କୁ ଘର ବାହାରେ କାମ କରିବାର ମଞ୍ଚ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅନୌପଚାରିକ ସାମାଜିକ ସଂଯୋଗ, ମିତବ୍ୟୟ, ଅର୍ଥ କାରବାରରେ ଯୋଗଦାନ, ଶ୍ରମ ବଜାରରେ ଅଂଶ ଗ୍ରହଣ ଏବଂ ସମୁଦାୟ ସାମାଜିକ ଏବଂ ଅର୍ଥନୈତିକ ସଶକ୍ତିକରଣ ଆଡ଼କୁ ଅଗ୍ରସର ହେବାର ସୁଯୋଗ ପ୍ରଦାନ କରେ। ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଶ୍ରମଦଳ ନେଟ୍‌ୱାର୍କ ବିଭିନ୍ନ ସାମାଜିକ ଉନ୍ନୟନ କାର୍ଯ୍ୟକଳାପର ସୂଚନା ପ୍ରସାରଣର ବାହନ ରୂପେ କାର୍ଯ୍ୟ କରେ।

## ୨.୪.୪ ଓଡ଼ିଶାରେ ପଞ୍ଚାୟତିରାଜ ଅନୁଷ୍ଠାନ ସହ ଗୋଷ୍ଠୀଭିତ୍ତିକ ସଂସ୍ଥାର ଏକତ୍ରିକରଣ

ସ୍ୱୟଂ କ୍ରିୟାଶୀଳ ଏବଂ ଗୋଷ୍ଠୀ ପରିଚାଳିତ ଅନୁଷ୍ଠାନ ଗୁଡ଼ିକ ମାଧ୍ୟମରେ ଓଡ଼ିଶାର ଗ୍ରାମାଞ୍ଚଳ ଗରିବ ଲୋକଙ୍କ ସାମାଜିକ ଏବଂ ଅର୍ଥନୈତିକ ସଶକ୍ତିକରଣ ଅଭିବୃଦ୍ଧି ଉଦ୍ଦେଶ୍ୟ ନେଇ ରାଷ୍ଟ୍ରୀୟ ଜୀବିକା ମିଶନ ଅନୁଯାୟୀ ଓଡ଼ିଶା ଜୀବିକା ମିଶନ ୨୦୧୧ ମସିହା ଜୁଲାଇ ମାସରେ ପ୍ରତିଷ୍ଠା ହେଲା। ଏହି ଉଦ୍ଦେଶ୍ୟର ଉନ୍ନତି ଲକ୍ଷ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନ ସହ ଗୋଷ୍ଠୀ ଭିତ୍ତିକ ସଂସ୍ଥା ଏକାଭିମୁଖୀକରଣ ପାଇଁ ଓଡ଼ିଶା ଜୀବିକା ମିଶନ କେରଳ ରାଜ୍ୟ ଦାରିଦ୍ର୍ୟ ନିରାକରଣ ମିଶନ (ଯାହାକୁ ରାଷ୍ଟ୍ରୀୟ ଜୀବିକା ମିଶନ ଦ୍ୱାରା ରାଷ୍ଟ୍ରୀୟ ସମ୍ବଳ ସଂସ୍ଥା ଭାବେ ଚିହ୍ନିତ) ସହ ଏକ ଅଂଶୀଦାର ଚୁକ୍ତିପତ୍ରରେ ଅଂଶଗ୍ରହଣ କଲା।

ଯେଉଁମାନେ ପଞ୍ଚାୟତିରାଜ ଅନୁଷ୍ଠାନ ସାମର୍ଥ୍ୟ,ଗୋଷ୍ଠୀ ଭିତ୍ତିକ ସଂସ୍ଥା ଦୃଢ଼ତା କିମ୍ବା ଏହି ଉଭୟଙ୍କ ଏକତ୍ରିକରଣ ହେତୁ ସମସ୍ତ ସୁବିଧାରୁ ବଞ୍ଚିତ, ସେହି ଗରିବ ଲୋକଙ୍କୁ ଲାଭ ପ୍ରଦାନ କରିବା ହେଉଛି ପ୍ରକଳ୍ପର ଅନ୍ତର୍ନିହିତ ଲକ୍ଷ୍ୟ। ଏହି ଏକତ୍ରୀକରଣ ମାର୍ଗଦର୍ଶକ ପ୍ରକଳ୍ପ ଚାରୋଟି ଜିଲ୍ଲାର ଚାରୋଟି ମନୋନୀତ ବ୍ଲକ ମାଲକାନଗିରି (ମାଲକାନଗିରି) ଗଜପତି (ଗୁମ୍ମା), ଯାଜପୁର (ଧର୍ମଶାଳା) ସୁନ୍ଦରଗଡ଼ର (ବାଲିସଙ୍କର)ରେ କାର୍ଯ୍ୟକାରୀ କରାଯାଇଛି।




Source: Odisha Livelihoods Mission,Odisha

ତୃଣମୂଳସ୍ତରର ବର୍ତ୍ତମାନର ସ୍ଥିତି ଏବଂ ଲୋକଙ୍କ ସୀମିତ ଜ୍ଞାନ ଏବଂ ସୀମିତ କଲ୍ୟାଣକାରୀ ସେବା ଉପଲବ୍ଧିର ବାସ୍ତବ ଚିତ୍ର ଦେଖିଲେ ଲୋକଙ୍କ ବିକାଶମୂଳକ ଆବଶ୍ୟକତା ଗୁଡ଼ିକର ସମ୍ପାଦନା ପାଇଁ ସାମ୍ବିଧାନିକ ଅଧିକାର ପ୍ରାପ୍ତ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗୋଷ୍ଠୀ ଭିତ୍ତିକ ସଂସ୍ଥା ଗୁଡ଼ିକର ଏକତ୍ରିକରଣ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

## ୨.୫ ଗ୍ରାମାଞ୍ଚଳର ନିରନ୍ତର ବିକାଶରେ ଗୋଷ୍ଠୀ ଭିତ୍ତିକ ସଂସ୍ଥା ଗୁଡ଼ିକର ଭୂମିକା

ନିରନ୍ତର ବିକାଶ କାର୍ଯ୍ୟକ୍ରମ ପାଇଁ ଭାଗିଦାର ବିକାଶ ଜରୁରୀ ଅଟେ। ଗୋଷ୍ଠୀ ଭିତ୍ତିକ ସଂସ୍ଥା ଗୁଡ଼ିକ ପ୍ରାୟତଃ ଗ୍ରାମାଞ୍ଚଳ ଗୋଷ୍ଠୀ ବିକାଶର ମୌଳିକ ଆବଶ୍ୟକୀୟ ଉପାଦାନ ଭାବେ ସ୍ୱୀକୃତ। ସେମାନେ ଗ୍ରାମାଞ୍ଚଳ ଗୋଷ୍ଠୀ ବିକାଶ କ୍ଷେତ୍ରରେ ବିବିଧ ସେବା ପ୍ରଦାନ କରିଥାନ୍ତି। ଗୋଷ୍ଠୀ ସହିତ ଅନୁଷ୍ଠାନ ଗୁଡ଼ିକ ନିଜର କାର୍ଯ୍ୟଶୈଳୀ ପରିବର୍ତ୍ତନ ପାଇଁ ବିଭିନ୍ନ ମାଧ୍ୟମର ଅନ୍ୱେଷଣ କରନ୍ତି। ଯଥା -

- ଶିକ୍ଷା ମାଧ୍ୟମରେ ଗୋଷ୍ଠୀକୁ ସେମାନଙ୍କ ସମ୍ବଳ ଓ ଦକ୍ଷତା ଅନ୍ୱେଷଣ ଉପଯୋଗ ପାଇଁ ସହାୟତା
- ଗୋଷ୍ଠୀକୁ ଗୋଷ୍ଠୀଭିତ୍ତିକ ସଂସ୍ଥା ପ୍ରତିଷ୍ଠା ପାଇଁ ଏବଂ ତୃଣମୂଳ ସ୍ତରରେ ଅଂଶ ଗ୍ରହଣର ପନ୍ଥା ସୃଷ୍ଟି କରିବା ପାଇଁ ଆବଶ୍ୟକୀୟ ଉପକରଣ ପ୍ରଦାନ କରିବା।

### ୨.୫.୧ ଗୋଷ୍ଠୀଭିତ୍ତିକ ସଂସ୍ଥା ଏବଂ ବିକାଶ କାର୍ଯ୍ୟକ୍ରମ ସମୂହ

ଯଦିଓ ଗୋଷ୍ଠୀଭିତ୍ତିକ ସଂସ୍ଥାମାନଙ୍କ ସ୍ଥିତି ସ୍ୱେଚ୍ଛାସେବୀ ସଂସ୍ଥା ଠାରୁ ସୀମିତ ଏବଂ ସେମାନେ ବହୁ ସୀମିତ କାର୍ଯ୍ୟାବଳୀରେ ଆବଦ୍ଧ ଅଟନ୍ତି। ତଥାପି ସେମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମ ଯଥା ଗୋଷ୍ଠୀ ଜଳ ଓ ସ୍ୱାସ୍ଥ୍ୟ ରକ୍ଷା ଯୋଜନା,ପ୍ରାକୃତିକ ସମ୍ବଳ ପରିଚାଳନା ଏବଂ ଲଘୁ ଧାର ଉଧାର କାରବାରରେ ଶକ୍ତିଶାଳୀ ଭୂମିକା ଗ୍ରହଣ କରିବା ଆବଶ୍ୟକ। ଗ୍ରାମାଞ୍ଚଳ ଗୋଷ୍ଠୀମାନଙ୍କ ପାଖରେ ବିବିଧ କାର୍ଯ୍ୟକ୍ରମ ପହଞ୍ଚାଇବା ନିମନ୍ତେ ଗୋଷ୍ଠୀ ଭିତ୍ତିକ ସଂସ୍ଥା ଗୁଡ଼ିକ ଲୋକସଂସ୍ଥା ଏବଂ ବଦାନ୍ୟ ସଂସ୍ଥାଙ୍କ ପାଇଁ ଅତି ଦରକାରି ଅଟନ୍ତି।

### ୨.୫.୨ ଗୋଷ୍ଠୀ ଆଧାରିତ ସଂସ୍ଥା ଏବଂ ଗୋଷ୍ଠୀ ସଶକ୍ତିକରଣ

ଗୋଷ୍ଠୀ ସଂସ୍ଥା ଗୋଷ୍ଠୀ ଗୁଡ଼ିକର ସାମାଜିକ ଏବଂ ଅର୍ଥନୈତିକ ରୂପାନ୍ତର ଆଣିବାରେ ସାହାଯ୍ୟ କରେ। ଗୋଷ୍ଠୀ ସଂସ୍ଥା ଗୁଡ଼ିକ ନୀତି ପ୍ରସ୍ତୁତି ପ୍ରକ୍ରିୟା, ସଭ୍ୟମାନଙ୍କୁ ପର୍ଯ୍ୟାପ୍ତ ମୂଲଚାଲ (ଦର କଷିବା) କ୍ଷମତା ପ୍ରଦାନ କରିବାରେ ବର୍ଦ୍ଧିତ ଅର୍ଥନୈତିକ ସୁରକ୍ଷା ସୁନିଶ୍ଚିତ, ଗୋଷ୍ଠୀ ସଶକ୍ତିକରଣ ଓ ପ୍ରୋତ୍ସାହନ,ସୁବ୍ୟବସ୍ଥିତ ସ୍ଥାନୀୟ ବିକାଶର ମାଧ୍ୟମ ଭାବେ କାର୍ଯ୍ୟ କରିବାରେ ସାହାଯ୍ୟ କରନ୍ତି। ଯେଉଁ ବାସିନ୍ଦା ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ଯୋଗଦାନ କରନ୍ତି ସେମାନଙ୍କ ଭିତରେ ଆମେ ର ଆବେଗ ଯାହା ଗୋଷ୍ଠୀର ଐକ୍ୟ ଭାବ ଉତ୍ପନ୍ନର ସୁଯୋଗ ପ୍ରଦାନ କରେ, ଏହା ଏକ ଆବଶ୍ୟକୀୟ ସାମାଜିକ ସମ୍ପଦ ଯାହା ଉପରେ ଗରିବ ଲୋକେ ନିର୍ଭର କରିପାରିବେ।

### ୨.୫.୩ ଗୋଷ୍ଠୀ ଆଧାରିତ ସଂସ୍ଥା ଓ ଗୋଷ୍ଠୀ ସମ୍ବଳ ପ୍ରସ୍ତୁତିକରଣ

ଗୋଷ୍ଠୀ ଆଧାରିତ ସଂସ୍ଥାର ସଦସ୍ୟ ଗୁଡ଼ିକ ଗୋଷ୍ଠୀ ଗୁଡ଼ିକର ବାସିନ୍ଦା ଏବଂ ଏମାନେ ଉତ୍ତମ ଭାବରେ ଏଥିରେ ସଂଯୁକ୍ତ ଅଟନ୍ତି। ଦ୍ରୁତ ଭାବେ ସେମାନେ ସରକାରୀ ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ଅପେକ୍ଷା ଅଧିକ ଭାବେ ସ୍ଥାନୀୟ ଆବଶ୍ୟକତା ସମ୍ପର୍କରେ ଅତି ସଚେତନ ଅଟନ୍ତି। ତୃଣମୂଳ ସ୍ତରର ବିକାଶ ପାଇଁ ଗୋଷ୍ଠୀ ସମ୍ବଳର

ପ୍ରସ୍ତୁତିକରଣରେ ସେମାନେ ନିଜର ସାମର୍ଥ୍ୟ ପ୍ରତିପାଦନ କରିଛନ୍ତି । ବହୁ ସଂଖ୍ୟକ ଗୋଷ୍ଠୀ ଏବଂ ଦଳ ଏବଂ ସଂସ୍ଥାର ଉପସ୍ଥିତିରେ (ଆବର୍ତ୍ତମାନ) ସାମାଜିକ ସମ୍ପଦ ସୃଷ୍ଟିର ଶକ୍ତି ନିହିତ ଅଛି । ଯାହା ଉପରେ ଗରିବ ଏବଂ ଦୁର୍ବଳ ଲୋକେ ଅତି ଜରୁରୀ ସମୟରେ ନିର୍ଭର କରିପାରିବେ । ସେମାନେ ସ୍ଥାନୀୟ ସମ୍ବଳ ଓ ଦକ୍ଷତାର ପ୍ରୟୋଗରେ ଗ୍ରାମାଞ୍ଚଳ ବିକାଶକୁ ପ୍ରୋତ୍ସାହନ ଦେବାର ସୁଯୋଗ ପ୍ରଦାନ କରନ୍ତି ।

## ୨.୫.୪ ଗୋଷ୍ଠୀ ଭିତ୍ତିକ ସଂସ୍ଥା ଓ ମୂଲ୍ୟ ସାପେକ୍ଷର ଉପକାରିତା

ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକ ସେମାନଙ୍କ ସଂଖ୍ୟାଧିକ କାର୍ଯ୍ୟକଳାପ ନିର୍ବାହ ପାଇଁ ପେଶାଦାର କର୍ମଚାରୀ ନିଯୁକ୍ତି କରନ୍ତି ନାହିଁ । ସେମାନେ ସେମାନଙ୍କର ଅବଶିଷ୍ଟ ଆବଶ୍ୟକ କାର୍ଯ୍ୟକଳାପ ସମ୍ପାଦନ ଏବଂ ଦାୟିତ୍ୱ ନିର୍ବାହ ପାଇଁ ସ୍ୱେଚ୍ଛାସେବୀ ସଭ୍ୟଙ୍କ ଉପରେ ନିର୍ଭର କରନ୍ତି । ସ୍ଥାନୀୟ ଅଞ୍ଚଳର ପ୍ରକଳ୍ପ କାର୍ଯ୍ୟ ସମ୍ପାଦନା ଏବଂ ପରିଚାଳନାରେ ସେମାନଙ୍କ ସଂପୃକ୍ତି ହେତୁ ଉତ୍ପନ୍ନ ଯଥାର୍ଥ ମୂଲ୍ୟର ସୁଯୋଗକୁ ମଧ୍ୟ ସେମାନେ ସାହାଯ୍ୟ କରନ୍ତି ।

## ୨.୫.୫ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକର ସୁଦୃଢ଼ୀକରଣ ପାଇଁ ରଣନୀତି

ଗ୍ରାମାଞ୍ଚଳ ବିକାଶ ପାଇଁ ନିଜକୁ ଏକ ଉତ୍ପାଦନ ଅବଦାନକାରୀ ଭାବେ ଗଢ଼ିବାରେ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକ ବିବିଧ ସାହାଯ୍ୟ ଆବଶ୍ୟକ କରନ୍ତି । ସେଗୁଡ଼ିକ ହେଲା ପ୍ରଭାବଶାଳୀ ନେତୃତ୍ୱ,ନିୟମିତ ସଂଯୋଗୀକରଣ ଏବଂ ପଞ୍ଜିକରଣ ସ୍ଥିତି ।

**ନେତୃତ୍ୱ ଗଠନ :** ଗୋଷ୍ଠୀ ସଂସ୍ଥା ଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତାରେ, ଉତ୍ତମ ନେତୃତ୍ୱକୁ ଜଟିଳ (ଦୋଷଗୁଣ ଯୁକ୍ତ) ଉପାଦନା ଭାବେ ସ୍ୱୀକୃତି ଦିଆଯାଇଛି । ଗ୍ରାମାଞ୍ଚଳ ଗୋଷ୍ଠୀର କାର୍ଯ୍ୟରତ ବିକାଶୋନ୍ମୁଖୀ ସଂସ୍ଥାଗୁଡ଼ିକ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀ କର୍ମଚାରୀଙ୍କ ପାଇଁ ଆୟୋଜିତ ବିବିଧ ତାଲିମ କାର୍ଯ୍ୟକ୍ରମରେ ଗୋଷ୍ଠୀ ଭିତ୍ତିକ ସଂସ୍ଥାର ମୁଖ୍ୟମାନଙ୍କୁ ପ୍ରକଳ୍ପ ପରିଚାଳନାରେ ତାଲିମ୍ ମୌଳିକ ଯୋଜନା କୌଶଳ, ଲିଙ୍ଗ ସ୍ପର୍ଶକାତର ଯୋଜନା ଏବଂ ତତ୍ ସମ୍ପର୍କୀତ ବିଷୟ କ୍ଷେତ୍ର ଗୁଡ଼ିକ,ଗ୍ରାମାଞ୍ଚଳ ବିକାଶର ଆହ୍ୱାନ ଗୁଡ଼ିକର ମୂଲ୍ୟ ନିରୂପଣ ଏବଂ ବିସ୍ତାର କରିବ ।

**ସଂଯୋଗୀକରଣ ଓ ନେଟ୍‌ୱାର୍କ :** ସାଧାରଣତଃ ବାହ୍ୟ ବିକାଶ ସଂସ୍ଥା ଗୁଡ଼ିକ ସହ ଗୋଷ୍ଠୀ ଭିତ୍ତିକ ସଂସ୍ଥା ଗୁଡ଼ିକର ଯୋଗାଯୋଗ ଦୁର୍ବଳ ଥାଏ । ଗୋଷ୍ଠୀରେ ବିକାଶ କାର୍ଯ୍ୟକଳାପ ମାଧ୍ୟମରେ ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକ ଉତ୍ତମ ସେବା ମୀମାଂସା ପାଇଁ ଆବଶ୍ୟକୀୟ ଶକ୍ତି ପାଇବାରେ ସମର୍ଥ ହେବେ ଏବଂ ବାହ୍ୟ ସଂସ୍ଥା ଗୁଡ଼ିକ ଠାରୁ ବିକାଶର ସମର୍ଥନ ଆମନ୍ତ୍ରଣ କରିବେ । ସେମାନେ ପରସ୍ପର ଠାରୁ ଶିକ୍ଷା କରିବାରେ ମଧ୍ୟ ସମର୍ଥ ହେବେ । ତେଣୁ କମ୍ ଉନ୍ନତ ସଂସ୍ଥା ଏବଂ ଗୋଷ୍ଠୀ ଗୁଡ଼ିକ ସେମାନଙ୍କ କାର୍ଯ୍ୟ ସମ୍ପାଦନରେ ଉନ୍ନତି କରିପାରିବେ ଏବଂ ତୃଣମୂଳ ସ୍ତରର ପ୍ରସ୍ତୁତକର୍ତ୍ତା ହିସାବରେ ସେମାନଙ୍କ କାର୍ଯ୍ୟ ସମ୍ପର୍କିତ ନୂଆ ରଣନୀତି ସହିତ ଅବଗତ ହେବେ । ଯେହେତୁ ସେମାନେ ଗୋଷ୍ଠୀ ଭିତ୍ତିକ ସଂସ୍ଥା ଗୁଡ଼ିକୁ ବିବିଧ ଉପାୟରେ ସୁଦୃଢ଼ କରିବେ ତେଣୁ ଉଭୟ ଶୀର୍ଷ ଏବଂ ସମାନ୍ତରାଳ (ଆରୋହ ଅବରୋହ) ସଂଯୋଗୀକରଣକୁ ଉତ୍ସାହିତ କରିବା ଉଚିତ ।

**ସରକାରୀ ପଦାଧିକାରୀଙ୍କ ସହ ନିବନ୍ଧନ :** ଗୋଷ୍ଠୀ ଆଧାରିତ ସଂସ୍ଥା ଗୁଡ଼ିକ ସମ୍ପାଦନ କରୁଥିବା ବିଭିନ୍ନ କାର୍ଯ୍ୟାବଳୀ ଏବଂ ନଗଣ୍ୟ ଏବଂ ଦୁର୍ବଳ ଲୋକଙ୍କ ଜୀବିକା ଓ ସେଗୁଡ଼ିକର ପ୍ରଭାବ ଉପରେ ସରକାରୀ ସଂସ୍ଥା ଓ ବଦାନ୍ୟ ଅନୁଷ୍ଠାନ ଗୁଡ଼ିକର ସମ୍ୟକ୍ ଧାରଣା ଅଛି। ନିବନ୍ଧନ ସ୍ଥିତି ଅର୍ଜନ ବିଦେଶୀ ସଂସ୍ଥା, ବଦାନ୍ୟ ସଂସ୍ଥା ଏବଂ ସରକାରୀ ବିଭାଗ ଗୁଡ଼ିକ ସହ ସହଯୋଗ ବିକାଶ କାର୍ଯ୍ୟ ନିମନ୍ତେ ସମ୍ପର୍କର ନୂଆ ରାସ୍ତା ଉନ୍ମୋଚନ କରିବ, ଯାହା ଉଭୟ ଗୋଷ୍ଠୀ ଭିତ୍ତିକ ସଂସ୍ଥା ଏବଂ ବାହ୍ୟ ସଂସ୍ଥା ଗୁଡ଼ିକୁ ବହୁ ଦିଗରେ ଲାଭପ୍ରଦ ପ୍ରମାଣିତ କରିବ।

ଅତଏବ ଗୋଷ୍ଠୀ ବିକାଶ ହେଉଛି ଗୋଷ୍ଠୀଭିତ୍ତିକ ସଂସ୍ଥାର ନିର୍ଯ୍ୟାସ ଅଟେ। ଗୋଷ୍ଠୀ ବିକାଶ ମାଧ୍ୟମରେ ଲୋକଙ୍କ ଉଦ୍ୟମ ସରକାର କର୍ତ୍ତୃପକ୍ଷଙ୍କ ସହ ସଂଘବଦ୍ଧ ହୋଇ ଗୋଷ୍ଠୀର ସାମାଜିକ,ଅର୍ଥନୈତିକ,ସାଂସ୍କୃତିକ ଅବସ୍ଥାର ଉନ୍ନତି କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଜାତୀୟ ଜୀବନ ସହ ସମନ୍ୱୟ ସ୍ଥାପନ କରିବ ଏବଂ ରାଷ୍ଟ୍ରୀୟ ପ୍ରଗତି ନିମନ୍ତେ ସହଯୋଗ ଦାନ ପାଇଁ ଲୋକଙ୍କୁ ସକ୍ଷମ କରାଇବ। ଗୋଷ୍ଠୀଭିତ୍ତିକ ସଂସ୍ଥା ଆବଶ୍ୟକୀୟ ବୈଶିଷ୍ଟ୍ୟରୁ ଓହରି ନ ଯିବାର ଲକ୍ଷ୍ୟକୁ ସୁନିଶ୍ଚିତ କରିବା ପାଇଁ ସରକାରୀ ସଂପ୍ରସାରଣ ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ଗୁଡ଼ିକ ଏକ ଜଟିଳ ଭୂମିକା ନିର୍ବାହ କରନ୍ତି। କାରଣ ଗୋଷ୍ଠୀଭିତ୍ତିକ ସଂସ୍ଥା ଗୁଡ଼ିକ ସେମାନଙ୍କ ସଦସ୍ୟମାନଙ୍କ ଲାଭ ପାଇଁ ଅନେକାଂଶରେ କାର୍ଯ୍ୟ ସମ୍ପାଦନ ପାଇଁ ସରଳ, ଅନୌପଚାରିକ ପଦ୍ଧତି ଏବଂ କାର୍ଯ୍ୟପ୍ରଣାଳୀ ଉପରେ ନିର୍ଭର କରନ୍ତି। ଗୋଷ୍ଠୀ ଭିତ୍ତିକ ସଂସ୍ଥାର ସାଙ୍ଗଠନିକ ଢାଞ୍ଚା,ଉଦ୍ଦେଶ୍ୟ,କାର୍ଯ୍ୟ ପ୍ରଣାଳୀକୁ ବାହାରୁ ଧାର୍ଯ୍ୟ କରାନଯାଇ ଗ୍ରାମାଞ୍ଚଳ ଗୋଷ୍ଠୀ ଗୁଡ଼ିକ ଏକତ୍ରିତ ହୋଇ ବିକାଶ କରିବା ଉଚିତ।

---

## ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

---

(କ) ପ୍ରଦତ୍ତ ସ୍ଥାନ ତୁମ ଉତ୍ତର ପାଇଁ ବ୍ୟବହାର କର।

(ଖ) ଏକକର ଶେଷରେ ଦିଆଯାଇଥିବା ସମ୍ଭାବିତ ଉତ୍ତର ସହ ତୁମ ଉତ୍ତର ମିଳାଅ।

୧) ଗୋଷ୍ଠୀର ମୌଳିକ ବୈଶିଷ୍ଟ୍ୟ ଗୁଡ଼ିକ କ'ଣ ?

୨) ଜଳଛାୟା ପରିଚାଳନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ କ'ଣ ?

## ୨.୬ ସାରାଂଶ

ବିକାଶଶୀଳ ରାଷ୍ଟ୍ର ଗୁଡ଼ିକର ଗୋଷ୍ଠୀଭିତ୍ତିକ ସଂସ୍ଥା ଗୁଡ଼ିକ ନିମ୍ନ ସ୍ତରୀୟ ପ୍ରମୁଖ ସଂସ୍ଥା ଯାହା ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ଅନୁଧ୍ୟାନ କରିବାରେ ବଦାନ୍ୟ ସଂସ୍ଥା ଗୁଡ଼ିକ ଠାରୁ ପ୍ରଭାବଶାଳୀ ଅଟନ୍ତି। ଗୋଷ୍ଠୀ ଆଧାରିତ ସଂସ୍ଥା ହେଉଛି ଏକ ସଂସ୍ଥା ଯାହା ଏହାର ସମସ୍ତ ଅସ୍ତିତ୍ୱର ବିଭାବ ଗୁଡ଼ିକୁ ନେଇ ଗୋଷ୍ଠୀ ବାସିନ୍ଦାଙ୍କ ଦ୍ୱାରା ପରିଚାଳିତ। ଗାନ୍ଧୀବାଦୀ ଆଭିମୁଖ୍ୟ ଗୋଷ୍ଠୀ ଆଧାରିତ ସଂସ୍ଥା ଉପରେ ଗାନ୍ଧିବାଦୀ ଚିନ୍ତାଧାରା ସଂପୂର୍ଣ୍ଣ ନୂଆ ଗୋଷ୍ଠୀର ବିକାଶ ଅପେକ୍ଷା ଗୋଷ୍ଠୀର ପନର୍ଗଠନକୁ ଗୁରୁତ୍ୱ ଆରୋପ କରେ। ଜଳଛାୟା କମିଟି,ଗ୍ରାମୀଣ ଜଙ୍ଗଲ କମିଟି ଏବଂ ଜଳ ବ୍ୟବହାରକାରୀ ସଂଘ ହେଉଛି କେତେକ ଗୋଷ୍ଠୀ ଆଧାରିତ ସଂସ୍ଥା।

## ୨.୭ ମୁଖ୍ୟ ଶବ୍ଦାବଳୀ

ଗୋଷ୍ଠୀ ଭିତ୍ତିକ ସଂସ୍ଥା ଗୋଷ୍ଠୀ ଭିତ୍ତିକ ସଂସ୍ଥା ଏହାର ସମସ୍ତ ସାମାଜିକ ଅସ୍ତିତ୍ୱର ବିଭାବକୁ ନେଇ ଗୋଷ୍ଠୀ ବାସିନ୍ଦାଙ୍କ ଦ୍ୱାରା ପରିଚାଳିତ ଏବଂ ବ୍ୟକ୍ତି, ଦଳ ଏବଂ ପ୍ରତିବେଶୀଙ୍କ ସାମାଜିକ ମଙ୍ଗଳର ଇପ୍‌ସିତ ଅଭିଳାଷର ଉନ୍ନତି ଆଣିବାର ଲକ୍ଷ୍ୟ ନେଇ ଗୋଷ୍ଠୀ ସ୍ତରରେ ଅନେକ କ୍ରମାନ୍ୱୟ କାର୍ଯ୍ୟକଳାପର ସମ୍ପାଦନ କରିଥାଏ। ଜଳଛାୟା କମିଟି - ଏକ ଭୌଗୋଳିକ କ୍ଷେତ୍ରରେ ମାଟି,ପାଣି ଏବଂ ଉଦ୍ଭିଦ ସମୂହର ସମନ୍ୱିତ ପରିଚାଳନାରେ ସାହାଯ୍ୟ କରେ। ଜଳ ବିନିଯୋଗୀ ସଂଘ - ଜଳସେଚନ ବ୍ୟବସ୍ଥାର ପରିଚାଳନାରେ କୃଷକମାନଙ୍କ ପ୍ରତ୍ୟକ୍ଷ ଅଂଶ ଗ୍ରହଣ ଅଭିବୃଦ୍ଧି ଅନ୍ୱେଷଣ କରେ।

## ୨.୮ ସହାୟକ ଗ୍ରନ୍ଥସୂଚୀ


- Vasant Desai: A Study of Rural Economy.
- Misra & Sharma: Problems and Prospects of Rural Development.
- Pandey P.C. : Rural Development in India.
- Sharma & Malhotra: Integrated Rural Development.
- Rajasekher D,N.K.Bhat and Neil Wuebster : People Centered Rural Development–NGOs and Decentralized Government.
- Arthur Dunham (1958): 'Community welfare organization : Principles and Practice', Crowell.
- Partha Sarathy : Crop Report (2006), 'Report of the Technical Committee on Water-shed Programmes in India', department of Land Resources, Ministry of Rural Development, government of India.
- Siddiqui, H.Y. (1997), Working with Communities : An Introduction to Community Work, New Delhi: Hira Publications.


## ୨.୯ ତୁମ ପ୍ରଗତିର ପରୀକ୍ଷା କର(ସମ୍ଭାବିତ ଉତ୍ତରାବଳୀ)

### ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ - ୧

୧) ଗ୍ରାମାଞ୍ଚଳ ବିକାଶରେ ସଂଶ୍ଳିଷ୍ଟ ଥିବା ପ୍ରମୁଖ ସରକାରୀ ସଂସ୍ଥାଗୁଡ଼ିକ ହେଲା ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ, ଅଙ୍ଗନବାଡ଼ି, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଧାର ଉଧାର କାରବାର ଏବଂ କଞ୍ଚାମାଲ୍ ଯୋଗାଣ ପାଇଁ ବ୍ୟାଙ୍କ ଏବଂ ସମବାୟ ସଂସ୍ଥା ଏବଂ କୃଷି ସଂପ୍ରସାରଣ ପାଇଁ ଗ୍ରାମସ୍ତରୀୟ କର୍ମୀ () ଅଣ ସରକାରୀ ସଂସ୍ଥା ଗୁଡ଼ିକ ହେଲା ବିଭିନ୍ନ ଲୋକ ସଂସ୍ଥା ଯଥା - ସ୍ୱୟଂ ସହାୟକ ଗୋଷ୍ଠୀ, ବିନିଯୋଗୀ ଗୋଷ୍ଠୀ, ଗ୍ରାମସ୍ତରୀୟ ଯୋଜନା କମିଟି, କଞ୍ଚାମାଲ୍ ଉତ୍ପାଦନ କେନ୍ଦ୍ର ଏବଂ ବିପଣନ ଏକକ ଇତ୍ୟାଦି।

୨) ସୂଚନା ଅଧିକାର ଆଇନ ବ୍ୟବହାର

(କ) ବିକାଶ ଏବଂ ମଙ୍ଗଳକାରୀ କାର୍ଯ୍ୟକ୍ରମ ଗୁଡ଼ିକର ବିବିଧ ଉପାଦାନ ସମ୍ପର୍କରେ ଗଣସମୂହଙ୍କ ମଧ୍ୟରେ ସଚେତନତା ପ୍ରସାର କରିପାରିବ।

(ଖ) ସେଗୁଡ଼ିକର ସମ୍ପାଦନାରେ ଉନ୍ମୁକ୍ତତା ଏବଂ ସ୍ୱଚ୍ଛତା ଆଣିପାରିବ।

## ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ - ୨

୧) ଗୋଷ୍ଠୀ ସଂସ୍ଥାର ମୌଳିକ ବୈଶିଷ୍ଟ୍ୟ ଗୁଡ଼ିକ ହେଲା -

- ସହଯୋଗୀ ପ୍ରବୃତ୍ତି - ଗଣତାନ୍ତ୍ରିକ ସଂପୃକ୍ତି ମାଧ୍ୟମରେ ଲୋକମାନେ ସଂଘବଦ୍ଧ ହୋଇ ସମସ୍ୟାର ଅନୁସନ୍ଧାନ କରିବେ।
- ଗୋଷ୍ଠୀ ଯୋଜନା - ଲୋକମାନେ ସେମାନଙ୍କର ଆବଶ୍ୟକତା ଓ ସମସ୍ୟା ଗୁଡ଼ିକ ନିମନ୍ତେ ସଂଘବଦ୍ଧ ସାମୂହିକ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତିବଦ୍ଧ ହେବେ।
- ଗୋଷ୍ଠୀକ୍ରିୟା ଏବଂ ପ୍ରସ୍ତୁତିକରଣ - ଗୋଷ୍ଠୀ ଗଠନ କରିବାକୁ ଲୋକମାନେ ନିଜର ଏବଂ ଅନ୍ୟମାନଙ୍କ ସହାୟତା ପାଇଁ କୌଶଳ ଶିକ୍ଷା କରିବେ।
- ଗୋଷ୍ଠୀ ପରିବର୍ତ୍ତନ ପ୍ରୋତ୍ସାହନ - ଲୋକଙ୍କ ସାମୂହିକ ଶକ୍ତି,ଉତ୍ତମ ଦଳଗତ କାର୍ଯ୍ୟ ଏବଂ ବୈଜ୍ଞାନିକ ପଦ୍ଧତି ଅନୁସରଣ ଗୋଷ୍ଠୀ ମଧ୍ୟରେ ବ୍ୟାପକ ବିକାଶ ଆଣିବ।
- ବିସ୍ତୃତ ବ୍ୟବସ୍ଥା ମଧ୍ୟରେ କର୍ତ୍ତୃତ୍ୱ - ଲୋକମାନେ ପରିବର୍ତ୍ତନ ଆଣିବା ପାଇଁ ପ୍ରଣୋଦିତ ଏବଂ ଉତ୍ସାହିତ, ଯାହା ଗ୍ରହଣଯୋଗ୍ୟ ଏବଂ ସେମାନଙ୍କ ଦ୍ୱାରା ଅଭ୍ୟାସରେ ପରିଣତ।

୨) ଭାରତ ସରକାରଙ୍କ ଦ୍ୱାରା ଜଳଛାୟ ପରିଚାଳନା ଅନ୍ତର୍ଗତ କେ.ବି.କେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସେଗୁଡ଼ିକ ହେଲା -

- ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ ୧୯୭୩ ରେ ଆରମ୍ଭ ହେଲା।
- ମରୁଭୂମି ବିକାଶ କାର୍ଯ୍ୟକ୍ରମ ୧୯୭୭ ରେ ଆରମ୍ଭ ହେଲା।
- ସମନ୍ୱିତ ପତିତ ଜମି ବିକାଶ କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ପତିତ ଜମି ବିକାଶ ବୋର୍ଡ଼ର ପୃଷ୍ଠ ପୋଷକତାରେ ୧୯୮୯ରେ ଆରମ୍ଭ ହେଲା।
- ରାଷ୍ଟ୍ରୀୟ ଜଳଛାୟା ବିକାଶ ପ୍ରକଳ୍ପ ବର୍ଷାଶ୍ରୀତ ଅଞ୍ଚଳରେ ଏବଂ ଜଳଛାୟା ବିକାଶ କୃଷି ସ୍ଥାନାନ୍ତର ଅଞ୍ଚଳରେ କୃଷିମନ୍ତ୍ରଣାଳୟ